ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

ଶାରଦୀୟ ଅଭିନନ୍ଦନ

Web: www.dinalipi.com
E-mail: dinalipinews@gmail.com

● Vol.- 45, No. 192 Bhubaneswar, Friday, 11 October 2024 ● R.N.I. Regd. No. 34063/81 ● Postal Regd. No. BN/79/18-20, ● ୪୫ ବର୍ଷ, ସଂଖ୍ୟା-୧୯୨ ଭୁବନେଶ୍ୱର, ଶୁକ୍ରବାର ୧୧ ଅକ୍ଟୋବର ୨୦୨୪ ● ମୂଲ୍ୟ: ୨.୦୦ ● ପୃଷ୍ଠା-୮



## ମା' ଦୁର୍ଗାଙ୍କ ଧରାବତରଣ

### କମ୍ପିଲାଣି ବିଭିନ୍ନ ପୂଜା ମଣ୍ଡପ

ଭୁବନେଶ୍ୱର,୧୦।୧୦: ପାର୍ବଣର ମହକ ସହର ବଜାର,ଗାଁ ଗଣ୍ଡା ସର୍ବତ୍ର । ବିଶେଷ କରି ସହରାଞ୍ଚଳରେ ଭଳିକି ଭଳି ମେଢ ସାଙ୍ଗକୁ ରଙ୍ଗିନ ଆଲୋକର ଫୁଆରା । ପାରମ୍ପରିକ ସମ୍ମିଳିତ ବାଦ୍ୟର ତାନ ଝଙ୍କୃତ ହେଉଛି । କେଉଁଠି ଝଟକୁଛି ଫ୍ରେଞ୍ଚ୍ ପ୍ୟାଲେସ୍ ଆଉ କେଉଁଠି ମନ ମୋହୁଛି ସ୍ୱାମୀ ନାରାୟଣମନ୍ଦିର ଆକୃତିର ସୁଦୃଶ୍ୟ ତୋରଣ । ଶାରଦୀୟ ପୂଜା କ୍ରମରେ ମଣ୍ଡପରେ ମହାସପ୍ତମୀ । ମା'ଙ୍କର ଧରାବତରଣ ଘଟିଛି ।ଗୁଜରାଟର ପ୍ରସିଦ୍ଧ ସ୍ୱାମୀ ନାରାୟଣ ମନ୍ଦିର ତୋରଣ ରସୁଲଗଡ଼ ପୂଜା କମିଟି ତିଆରି କରିଛି । ସେମିତି ୬୧ ବର୍ଷରେ ପାଦ ଥାପିଥିବା ବମିଖାଲ ଦୁର୍ଗାପୂଜା କମିଟି ତିଆରି କରିଛି ପଞ୍ଜାବର କପୂରଥାଲା ସ୍ଥିତ ଚର୍ଚ୍ଚିତ ଫ୍ରେଞ୍ଚ୍ ପ୍ୟାଲେସ । ୪୭ ବର୍ଷରେ ପଦାର୍ପଣ କରିଥିବା ସହିଦ ନଗର ପୂଜା କମିଟି ନିଜସ୍ୱ ପରିକଳ୍ପନାରେ ୧୪୦ ଫୁଟ ଚଉଡ଼ା ଏବଂ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ତୋରଣ ନିର୍ମାଣ କରିଛି । ଏହା ସର୍ବଧର୍ମ ଏକତ୍ୱର ବାର୍ତ୍ତା ଦେଇଛି । ଶକ୍ତିପୀଠ କାକଟପୁରରେ ମା ମଙ୍ଗଳା, ଜଗତସିଂହପୁର ଝଙ୍କଡ ଶାରଳା, କଟକରେ ଚଣ୍ଡୀ ,ବାଣପୁରରେ ଭଗବତୀ ପୀଠ ପ୍ରଭୃତିରେ ରୀତିନୀତିର ସହ ଶାରଦୀୟ ପୂଜା ଚାଲିଥିବା ବେଳେ ବିଭିନ୍ନ ଅଞ୍ଚଳରେ ଥିବା ଦେବୀ ମନ୍ଦିର ଗୁଡ଼ିକରେ ପାର୍ବଣର ପୂଜାର୍ଚ୍ଚନା ଚାଲିଛି ।

## ପଞ୍ଚଭୂତରେ ଲୀନ ହେଲେ ରତନ ଟାଟା

■ ଦିଆଗଲା ରାଷ୍ଟ୍ରୀୟ ମର୍ଯ୍ୟାଦା
■ ଭାରତ ରତ୍ନ ଦେବାକୁ ଦାବି କରିବ ମହାରାଷ୍ଟ୍ର

ମୁମ୍ବାଇ,୧୦।୧୦: ଆଗେ ଆଗେ ଫୁଲରେ ସୁଶୋଭିତ ଗାଡ଼ିରେ ପାର୍ଥିବ ଶରୀର । ପଛରେ ସେ ଛାଡିଯାଇଥିବା, ତାଙ୍କୁ ଭଲପାଉଥିବା ଅସଂଖ୍ୟ ଜନତା । ଏହି ଜନସମୁଦ୍ର ଛୁଟିଥିଲା ମୁମ୍ବାଇ ଏନପିସିଏ ଲନ୍‌ରୁ ୱର୍ଲି କ୍ରିମେଟୋରିୟମ । ସେଠାରେ ପହଞ୍ଚି ସାରିଥିଲେ ସମ୍ପର୍କୀୟ, ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ । ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବା ପରେ ଭାରତ ଶିଳ୍ପ ଜଗତର ବାଦଶାହା ରତନ ଟାଟାଙ୍କର ହୋଇଥିଲା ଅନ୍ତିମ ସଂସ୍କାର । ଶୁଭେଚ୍ଛୁମାନେ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ । ଏହି ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ଅନ୍ତିମ ସଂସ୍କାର ମୁମ୍ବାଇର ୱର୍ଲି ଶ୍ମଶାନରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପଜଗତର ଏହି ବାଦଶାହ, ଟାଟା ଭଳି ଭାରତୀୟ ଉଦ୍ୟୋଗକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାରେ ଥିଲେ ସଫଳ ବିନ୍ଧାଣୀ । ଲୁଣଠୁ ଉଡ଼ାଜାହାଜ ଅବା ନାନୋ କାର୍‌ରୁ 'ଜାଗୁଆର ଯାଏଁ ସବୁକୁ ଶୀର୍ଷ ଛୁଆଁଇବାରେ ସମର୍ପିତ ହୋଇଥିଲା ରତନଙ୍କ ମସ୍ତିଷ୍କ ଓ ହୃଦୟ । ୧୯୯୧ରେ ଟାଟା ଗ୍ରୁପ୍‌ର ମଙ୍ଗ ସମ୍ଭାଳିବା ପରଠାରୁ ରତନ ଟାଟା ଗୋଟିଏ ପରେ ଗୋଟିଏ ଉଲ୍ଲେଖନୀୟ ବ୍ୟାବସାୟିକ ସଫଳତା ହାସଲ କରି ଚାଲିଥିଲେ । ରତନ ଟାଟା ପାର୍ସୀ ସଂପ୍ରଦାୟର ହୋଇଥିବା ସତ୍ତ୍ୱେ ତାଙ୍କ ଅନ୍ତିମ ସଂସ୍କାର ହିନ୍ଦୁ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି । ରତନ ଟାଟା ଉଦ୍ୟୋଗ କ୍ଷେତ୍ରରେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି । ୨୦୦୦ ମସିହାରେ ତାଙ୍କୁ ପଦ୍ମ ଭୂଷଣ ସମ୍ମାନ, ୨୦୦୮ ମସିହାରେ ପଦ୍ମବିଭୂଷଣ, ମିଳିଥିଲା । ସୂଚନାଯୋଗ୍ୟ, ଟାଟା ଗ୍ରୁପର ଅଧକ୍ଷ ରତନ ଟାଟାଙ୍କର ହଠାତ୍ ରକ୍ତଚାପ କମିଯିବାରୁ ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇ ଥିବାର ଦୁଃଖଦ ଖବର ସାମ୍ନାକୁ ଆସିଥିଲା । ଏହାରି ଭିତରେ ପଦ୍ମ ବିଭୂଷଣରେ ବିଭୂଷିତ ରତନ ଟାଟାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ଦେବାକୁ କେନ୍ଦ୍ର ସରକାରଙ୍କୁ ଦାବି କରିବ ମହାରାଷ୍ଟ୍ର ।




### ଅଭିନନ୍ଦନ

ଦଶହରା ପାଇଁ 'ଦିନଲିପି' ପରିବାର ପକ୍ଷରୁ ସମସ୍ତ ପାଠକପାଠିକା, ଶୁଭେଚ୍ଛୁ, ସମ୍ବାଦଦାତା, ବିଜ୍ଞାପନଦାତା ସର୍ବୋପରି ରାଜ୍ୟବାସୀଙ୍କୁ ଅଭିନନ୍ଦନ ।

- ସମ୍ପାଦକ

### 'ଦିନଲିପି'ର ଛୁଟି

ଜଗତ୍‌ଜନନୀ ମା'ଦୁର୍ଗାଙ୍କ ଶାରଦୀୟ ପୂଜା ଉପଲକ୍ଷେ 'ଦିନଲିପି'ର କାର୍ଯ୍ୟାଳୟ ଓ ପ୍ରେସ ଅକ୍ଟୋବର ୧୧,୧୨ ଓ ୧୩ ତାରିଖରେ ବନ୍ଦ ରହୁଛି । 'ଦିନଲିପି'ର ପରବର୍ତ୍ତୀ ସଂସ୍କରଣ ୧୪ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ ।

- ପରିଚାଳକ

## ହାନ୍ କାଙ୍ଗଙ୍କୁ ସାହିତ୍ୟ ପାଇଁ ନୋବେଲ

ଷ୍ଟକହୋମ୍,୧୦।୧୦: ଚଳିତ ୨୦୨୪ ମସିହା ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବେ ଦକ୍ଷିଣ କୋରିଆର ସାହିତ୍ୟିକା ହାନ୍ କାଙ୍ଗ । ସେ ତାଙ୍କର ଅନ୍ତର୍ନିହିତ କାବ୍ୟଗଦ୍ୟ ପାଇଁ ସ୍ୱୀକୃତି ପାଇଛନ୍ତି ଯାହା ମାନବ ଜୀବନର ଦୁର୍ବଳତାକୁ ସହଜ ଓ ସାବଲୀଳ ଭାବରେ ପ୍ରଦର୍ଶନ କରିପାରିଛି । ସମକାଳୀନ ସାହିତ୍ୟରେ କାଙ୍ଗଙ୍କ ପ୍ରଭାବଶାଳୀ ଅବଦାନ ଉପରେ ଆଲୋକପାତ କରି ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଏହି ଘୋଷଣା କରାଯାଇଛି । ହାନ୍ କାଙ୍ଗ ତାଙ୍କ ସାହିତ୍ୟରେ ସମାଜର ଅଦୃଶ୍ୟ ନିୟମର ସମ୍ମୁଖୀନ ହୋଇଛନ୍ତି ଏବଂ ତାଙ୍କ ପ୍ରତ୍ୟେକ କାର୍ଯ୍ୟରେ ମାନବ ଜୀବନର ଦୁର୍ବଳତାକୁ ଉନ୍ମୋଚନ କରିଛନ୍ତି । ଶରୀର ଓ ଆତ୍ମା, ଜୀବିତ ଓ ମୃତଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ତାଙ୍କର ଏକ ଅନନ୍ୟ ସଚେତନତା ରହିଛି ଏବଂ ତାଙ୍କ କାବ୍ୟ ଓ ପରୀକ୍ଷାମୂଳକ ଶୈଳୀରେ ସେ ସମସାମୟିକ ଗଦ୍ୟରେ ଜଣେ ଉଦ୍ଭାବକ ପାଲଟିଛନ୍ତି ।୧୯୭୦ ମସିହାରେ ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁ ସହରରେ ଜନ୍ମଗ୍ରହଣ କରିଥିବା ହାନ୍ କାଙ୍ଗ ୯ ବର୍ଷ ବୟସରେ ନିଜ ପରିବାର ସହ ସିଓଲ ଯାଇଥିଲେ । ସେ ଏକ ସାହିତ୍ୟିକ ପୃଷ୍ଠଭୂମିରୁ ଆସିଛନ୍ତି କାରଣ ତାଙ୍କ ପିତା ଜଣେ ପ୍ରତିଷ୍ଠିତ ଔପନ୍ୟାସିକ ଅଟନ୍ତି । ଲେଖା ବ୍ୟତୀତ ସେ କଳା ଓ ସଙ୍ଗୀତ ପ୍ରତି ମଧ୍ୟ ନିଜକୁ ଉତ୍ସର୍ଗ କରିଛନ୍ତି । ୧୯୯୫ ମସିହାରେ କ୍ଷୁଦ୍ରଗଳ୍ପ ସଂକଳନ 'ଲଭ ଅଫ ୟେଓସୁ'ରେ ତାଙ୍କର ଗଦ୍ୟ ରଚନା ଆରମ୍ଭ ହୋଇଥିଲା, ପରବର୍ତ୍ତୀ ସମୟରେ ସେ ଉଭୟ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ଭଳି ଅନେକ ଗଦ୍ୟ କୃତି ରଚନା କରିଥିଲେ ।



## ବିଜେଡି ଛାଡ଼ିଲେ ପ୍ରକାଶ ବେହେରା

କଟକ,୧୦।୧୦(ନିପ୍ର): ପୂର୍ବତନ ବିଧାୟକ ପ୍ରକାଶ ବେହେରା ବିଜେଡି ଛାଡ଼ିଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ନିଜ ଇସ୍ତଫାପତ୍ର ପଠାଇଛନ୍ତି । ନିଜ ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ମୁଁ ରାଷ୍ଟ୍ରୀୟ ଚିନ୍ତାଧାରାରେ ବିଶ୍ୱାସ ରଖେ । ଜନସାଧାରଣଙ୍କ ସମସ୍ୟା, ବିକାଶ ଓ ସଂଗଠନ ସହ ଜଡିତ ରହିଛି, ଏଣୁ ମୁଁ ଏଭଳି ନିଷ୍ପତ୍ତି ନେବାକୁ ଉଚିତ ମଣିଲି । ଟାଙ୍ଗୀ-ସାଲେପୁର ଲୋକଙ୍କ ସହ ୨୫ ବର୍ଷ ହେଲା ଯୋଡ଼ି ହୋଇ ରହିଛି, ଆଗାମୀ ଦିନରେ ମଧ୍ୟ ସେମାନଙ୍କ ଋଣ ସୁଝିବାକୁ ଚେଷ୍ଟା କରିବି । ଗତ ନିର୍ବାଚନରେ କଟକ ବାରବାଟୀରୁ ପ୍ରାର୍ଥୀ ହୋଇଥିଲେ ପ୍ରକାଶ । ନିର୍ବାଚନ ପୂର୍ବରୁ ବିଜେଡିକୁ ଆସି ସେ କଟକ-ବାରବାଟୀ ଆସନରୁ ଟିକେଟ ହାତେଇଥିଲେ । ୨୦୧୪ରେ ସାଲେପୁରରୁ କଂଗ୍ରେସ ଟିକେଟରେ ଜିତିଥିଲେ । ପରେ କଂଗ୍ରେସରୁ ବିଜେପି ଯାଇ ସେଇଠୁ ବିଜେଡିକୁ ଯାଇଥିଲେ ପ୍ରକାଶ ।

DADLS-41

सत्यमेव जयते





'ପବିତ୍ର ବିଜୟା ଦଶମୀ -୨୦୨୪' ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR-15001/13/0239/2425

ଓଡ଼ିଶା ସରକାର





ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଦୁର୍ଗାପୂଜା ଓ ଦଶହରା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମାତୃଶକ୍ତିର ଉପାସନା ଆମ ସଂସ୍କୃତିର ଏକ ଅନନ୍ୟ ପରମ୍ପରା । ମା' ଦୁର୍ଗାଙ୍କ ଆରାଧନା ଏପରି ଏକ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ଉତ୍ସବ, ଯେଉଁଠାରେ ଆଧ୍ୟାତ୍ମିକ ଭାବ ସହ ଆନନ୍ଦମୟ ଭାବର ସମ୍ମିଳିତ ପରିପ୍ରକାଶ ହୋଇଥାଏ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଦୁର୍ଗାଙ୍କ ପୂଜା ନେଇ କିମ୍ବଦନ୍ତୀ



ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି । ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ମଧ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମଦିବସ । ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ । ଏହି ତିଥିଟି ଲୋକମୁଖରେ 'ଗଙ୍ଗା ଦଶହରା' ନାମରେ ପରିଚିତ । ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପାଳିତ ହୁଏ । ଏହି ଦୁର୍ଗାପୂଜାର ଶେଷ ଦିବସ । ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ । ତେଣୁ 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି । ଏହି ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ' କୁହାଯାଏ । ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟାଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି । 'ଦୁଃଖହା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ ।

## ସିଦ୍ଧିଦାତ୍ରୀ

ସିଦ୍ଧିଦାତ୍ରୀ ମା ଦୁର୍ଗାଙ୍କର ନବମ ଶକ୍ତି, ସମସ୍ତ ସିଦ୍ଧଙ୍କର ଗୁରୁ। ନ ସବୁ ପ୍ରକାରର ସିଦ୍ଧଙ୍କର ଶ୍ରେଷ୍ଠ । ଦୁର୍ଗମାନଙ୍କ ମଧ୍ୟରେ ମା ସିଦ୍ଧିଦାତ୍ରୀ ଶେଷ। ତାଙ୍କୁ ପୂଜା କରିବା ପରେ ଭକ୍ତମାନଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ । ଦେବୀଙ୍କ ପାଇଁ ନିର୍ମିତ ନୈବେଦ୍ୟର ଥାଳିରେ ଭୋଗର ଜିନିଷ ରଖି ପ୍ରାର୍ଥନା କରିବା ଉଚିତ।




# ମା'ଙ୍କ ପୂଜା ବିଧି



ଦୁର୍ଗା ପୂଜା ଆଶ୍ୱିନ ମାସରେ ହିନ୍ଦୁମାନେ ପାଳନ କରୁଥିବା ଏକ ଉତ୍ସବ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ । ଜନ୍ମାଷ୍ଟମୀ ଅବସରରେ ନଦୀରୁ ମାଟି ଉଦ୍ଧାର କରାଯାଏ,ଯାହା ଦଶହରାର ପ୍ରଥମ ବିଧି ।ଏହା ପରେ କାରିଗରମାନେ ମୂର୍ତ୍ତି ଗଠନରେ ବ୍ୟସ୍ତ ରୁହନ୍ତି । ପବିତ୍ର ମହାଳୟା ଅବସରରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିରେ ଖଡ଼ି ଚଢାଯାଏ । ମହାଳୟା ଠାରୁ ପ୍ରକୃତ ଦୁର୍ଗାପୂଜା ଆରମ୍ଭ ହୁଏ । କାରଣ ଏହି ଦିନ ଠାରୁ ଦୁର୍ଗାପୂଜା ମଧ୍ୟରେ ୧୦ ଦିନ ସମୟ ରହିଥାଏ, ଯାହା ପୁରାଣ ଶାସ୍ତ୍ରରେ ଦଶହରା ବୋଲି କୁହାଯାଇଛି । ପ୍ରକୃତ ପୂଜାବିଧି ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଷଷ୍ଠୀରେ ଅଧିବାସ, ବିଲ୍ୱବରଣ, ମା'ଙ୍କୁ ସ୍ୱାଗତ କରିବାକୁ ଯାଇ ଷଷ୍ଠୀ ପୂଜାରେ ବେଲବରଣୀ କରାଯାଏ । ବେଲଗଛ ପାଖରେ ଏହି ପୂଜା ସମ୍ପନ୍ନ କରାଯାଏ । ଶେଷରେ ରାତ୍ରୀ କାଳରେ ଦେବୀ ପ୍ରତିମାର ଚକ୍ଷୁରେ ରଙ୍ଗ ଦେଇ ଚକ୍ଷୁଦାନ ସମ୍ପନ୍ନ ହୁଏ ଓ ମନ୍ତ୍ରଦ୍ୱାରା ପ୍ରାଣ ପ୍ରତିଷ୍ଠା କରାଯାଏ । ସପ୍ତମୀରେ ସପ୍ତମୀରେ ନବପତ୍ରିକା ପୂଜା କରାଯାଏ, ଯେଉଁ ଥିରେ କଦଳୀ, ସାରୁ, ମାଣସାରୁ, ହଳଦୀ, ଅଶୋକ, ଡାଳିମ୍ବ, ବେଲ, ଜୟନ୍ତି ଓ ଧାନ ଏହି ନଅ ଜାତି ପତ୍ରଦ୍ୱାରା ଦୁର୍ଗାଙ୍କର ଗୋଟିଏ ମୂର୍ତ୍ତି ଗଠନ କରି ପୂଜା କରିବାର ବିଧି । ଏହା ପରେ ମହାସ୍ନାନ ବିଧି ସମ୍ପନ୍ନ ହୁଏ ।

# ମାଛଭୋଗ

## ନବମୀ ପୂଜାରେ ମା'ଙ୍କ ପୀଠରେ ହୋଇଥାଏ



ମହାସ୍ନାନ ବିଧି ସମ୍ପନ୍ନ ପରେ ଅଷ୍ଟମୀରେ ହୁଏ ମା'ଙ୍କ ମୁଖ୍ୟ ସନ୍ଧିପୂଜା । ମହାଷ୍ଟମୀର ଶେଷ ଦଣ୍ଡ ଓ ମହାନବମୀର ଆଦ୍ୟ ଦଣ୍ଡର ମଧ୍ୟକାଳୀନ ସମୟକୁ ସନ୍ଧି ସମୟ କୁହାଯାଏ । ଶାସ୍ତ୍ର ବିଧି ଅନୁସାରେ ଶାରଦୀୟ ଓ ବାସନ୍ତୀ ଦୁର୍ଗାପୂଜାରେ ଏହି ସନ୍ଧି କାଳହିଁ ଦେବୀଙ୍କୁ ବଳି ଦେବାର ପ୍ରଶସ୍ତ ସମୟ । ଏହି ସମୟରେ ମା'ଙ୍କ ପାଖରେ ବଳି ଦିଆଯାଏ । ପୂର୍ବରୁ ଜୀବମାନଙ୍କୁ ବଳି ଦିଆଯାଉଥିଲା, ଆଜିକାଲି ଲାଉ, ପାଣିକଖାରୁ ଓ ବୋଇତିକଖାରୁ ବଳି ଦିଆଯାଉଛି । ଓଡ଼ିଶାରେ ଏହିଦିନ ମହିଳାମାନେ ଶାଢ଼ୀ, ଫେଣୀ ଇତ୍ୟାଦି ଆଣି ମା'ଙ୍କ ପାଖରେ ଭୋଗ କରିସାରିବା ପରେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି । ନବମୀରେ ନବମୀ ପୂଜାରେ ମା'ଙ୍କ ପୀଠରେ ମାଛ ଭୋଗ ହେଇଥାଏ ।କଟକର ଅଲିଶାବଜାର, ଚାନ୍ଦିନୀ ଚୌକ ପ୍ରଭୃତି କେତେକ ପୂଜା କମିଟି ନବମୀ ପୂଜାରେ ବଡ଼ ଧରଣର ମାଛଭୋଗ କରିଥାନ୍ତି । ଦଶମୀରେ ଘଟ ବିସର୍ଜନ ଓ ଭସାଣି । ଦଶମୀ ପୂଜା ମା'ଙ୍କ ଅନ୍ତିମ ପୂଜାର୍ଚ୍ଚନା ଅପରାଜିତା ପୂଜା ଏହି ଦିବସର ସ୍ୱାତନ୍ତ୍ର । ଓଡ଼ିଶାର କେତେକ ଅଞ୍ଚଳରେ ଅପରାଜିତା ଫୁଲରେ ମା'ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବାକୁ ଯାଇ ସାହିର ମହିଳାମାନେ ଝିଅ ବିଦାକଲା ଭଳି କାନ୍ଦବୋବାଳି କରିଥାନ୍ତି । ଏହା ସହିତ ମହିଳାମାନେ ସିନ୍ଦୂର ଖେଳ କରିଥାନ୍ତି । ଅନେକ ସ୍ଥାନରେ ସିନ୍ଦୂର ଖେଳ ପ୍ରତିଯୋଗିତା ହୁଏ । ଏହି ଦିବସର ପ୍ରମୁଖ ଭୋଗ ଦହି ପଖାଳ । ଶରତକାଳୀନ ଦୁର୍ଗା ହେଉ ଅଥବା ବାସନ୍ତି ଦୁର୍ଗାପୂଜା, ଏଥିରେ ମୂର୍ତ୍ତି ସ୍ଥାପନ କରାଯାଇ ଜୀବନ୍ୟାସ କର୍ମ ସହ ପୂଜା ନିୟମ ପ୍ରଣୟନ ହେଉଥିଲେ ମଧ ଘଟସ୍ଥାପନ ଜନିତ ପୂଜା ଆବହମାନ କାଳରୁ ପ୍ରଚଳିତ । ବିଭିନ୍ନ ଭାବରେ ମୂର୍ତ୍ତିପୂଜାର ଆଦର ବଢିଥିଲେ ମଧ ମୂଳ ତତ୍ତ୍ୱକୁ ବାଦ୍ ଦେବା ସମ୍ଭବ ହୋଇନାହିଁ । ବାସନ୍ତୀ ଦୁର୍ଗାପୂଜା ବିଶେଷ ଭାବେ ପାଳିତ ହୋଇ ନ ଥାଏ । ଅନ୍ୟପକ୍ଷରେ ଶରତକାଳୀନ ଦୁର୍ଗାପୂଜା ଏବେ ସାର୍ବଜନୀନ ପୂଜାର ସ୍ୱୀକୃତି ପାଇଛି, କିନ୍ତୁ ଉଭୟ ପୂଜା ଏବଂ ମା'ର ବିଧାନ ପ୍ରାୟତଃ ସମାନ ।

# ମା'ଦୁର୍ଗାଙ୍କୁ ସ୍ମରଣ କଲେ ବାଧା ହୁଏ ଦୂର

ସତ୍ତ୍ୱ, ରଜ ଏବଂ ତମ ଭେଦରେ ଯେଉଁ ତିନିଗୋଟି ଗୁଣ ରହିଛି ସେହି ଗୁଣତ୍ରୟର ସାମ୍ୟାବସ୍ଥାରେ ଯେ ସର୍ବବ୍ୟାପିନୀ ଯେ ହେଉଛନ୍ତି ଦେବୀଦୁର୍ଗା। ସେ ଚତୁର୍ଭୁଜା, ତାହା ପୁଣି ଆୟୁଧରେ ବିମଣ୍ଡିତା, ତାଙ୍କର ତପ୍ତ କାଞ୍ଚନ ବର୍ଣ୍ଣର ଆଭା ଏବଂ ଆଭୂଷଣ ଗୁଡ଼ିକର ତେଜରେ ଶୂନ୍ୟ ବ୍ରହ୍ମ ଜଗତକୁ ପରିପୂର୍ଣ୍ଣ କରିଥିଲେ। ତେଣୁ ପ୍ରାଧାନିକ ରହସ୍ୟରେ କୁହାଯାଇଛି- ସର୍ବସ୍ୟାଦ୍ୟା ମହାଲକ୍ଷ୍ମୀ ସ୍ତ୍ରୀଗୁଣା ପରମେଶ୍ୱରୀ ଲକ୍ଷା ଲକ୍ଷ ସ୍ୱରୂପାସା ବ୍ୟାପ୍ୟାକୃସ୍ନଂ ବ୍ୟବସ୍ଥିତା, ତପ୍ତକା ନ ବର୍ଣ୍ଣାଭ୍ୟା ତପ୍ତ କା ନ ଭୂଷଣା ଶୂନ୍ୟଂ ତଦଖିଳଂ ସ୍ୱେନ ପୂରୟା ମାସ ତେଜସା।" ତମଗୁଣର ପ୍ରକଟିତା ହେଉଛନ୍ତି ମହାଶକ୍ତି ମହାକାଳୀ। ରଜୋ ଗୁଣରୁ ସମ୍ପନ୍ନା ମହାଲକ୍ଷ୍ମୀ ଏବଂ ସତ୍ତ୍ୱ ଗୁଣରୁ ପ୍ରକଟିତା ମହାସରସ୍ୱତୀ, ସ୍ୱଗୁଣ ଓ କର୍ମାନୁସାରେ ମହାକାଳୀ, ମହାସରସ୍ୱତୀ ଏବଂ ମହାଲକ୍ଷ୍ମୀ ଭଗବାନ ଶିବ, ବ୍ରହ୍ମା ଏବଂ ବିଷ୍ଣୁଙ୍କ ମିଳନରୁ ସୃଷ୍ଟି ହେଲା ଜଗତ। ଏ ପ୍ରସଙ୍ଗରେ ପ୍ରାଧାନିକ ରହସ୍ୟ କହେ-
ଥୋବାଚ ମହାଲକ୍ଷ୍ମୀର୍ମହାକାଳୀଂ ସରସ୍ୱତୀଂ
ଯୁବାଂ ଜନାୟତଂ ଦେବ୍ୟୌ ମିଥୁନେ ସ୍ୱାନୁରୂପତଃ,
ଇତ୍ୟୁକ୍ୱା ତେ ମହାଲକ୍ଷ୍ମୀ ସମର୍ଜ ମିଥୁନଂ ସ୍ୱୟମ୍,
ହିରଣ୍ୟ ଗର୍ଭୌ ରୁଚିରୌ ସ୍ତ୍ରୀପୁଂସୌଃ କମଳାସନୈ।
ଚାମୁଣ୍ଡାତନ୍ତ୍ରରେ କୁହାଯାଇଛି ଦେବୀ ଦୁର୍ଗା ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ପ୍ରଳୟର ଆଦ୍ୟାସ୍ୱରୂପା। ସେ ଦୃଷ୍ଟ ଦମନ କରି ସନ୍ଥ ପାଳିଥାନ୍ତି, ଯୁଗେ ଯୁଗେ ଏ ଧରାପୃଷ୍ଠରେ ଅବତରଣ କରି ଦୈତ୍ୟମାନଙ୍କୁ ନାଶ କରିଥାନ୍ତି। ସେ ବିଭିନ୍ନ ରୂପରେ ବିଭିନ୍ନ ନାମରେ ଅବତରଣ କରି ଭକ୍ତଜନଙ୍କୁ ସୁରକ୍ଷା ଦେବା ସହିତ ବିଭିନ୍ନ ବିପତ୍ତି, ବାଧାରୁ ରକ୍ଷା କରିଥାନ୍ତି। ଆଦିମାତା ସର୍ବଶକ୍ତିମୟୀ ଦେବୀଙ୍କ ବିଭିନ୍ନ ନାମକୁ ଚାମୁଣ୍ଡାତନ୍ତ୍ରରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି। ସେଥିରେମାଆ ଆଦ୍ୟା ସନାତନୀଙ୍କ ବିଭିନ୍ନ ରୂପ ଓ ନାମକୁ ରଚନା କରାଯାଇଛି। ଯଥା- କାଳୀ ତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା। ବଗଳା ସିଦ୍ଧ ବିଦ୍ୟା ଚ ମାତଙ୍ଗୀ କମଳାତ୍ମିକା ଏତାଦତୀ ମହାବିଦ୍ୟାଃ ସିଦ୍ଧବିଦ୍ୟା ପ୍ରକୀର୍ତ୍ତିତାଃ ॥
ଆଦିନାଥ ଶ୍ରୀସଦାଶିବଙ୍କ ଦ୍ୱାରା କଥିତ ତନ୍ତ୍ରରେ ଯାମଳ, କୁଳାର୍ଣ୍ଣବ, ଜ୍ଞାନାର୍ଣ୍ଣବ, ନୀଳତନ୍ତ୍ର, କାଳିତନ୍ତ୍ର ଆଦି ଚଉଷଠୀ ଭେଦକୁ ବର୍ଣ୍ଣନା କରାଯାଇଛି, ସେ ସମସ୍ତ ଭେଦର ଆଦି ହେଉଛନ୍ତି ଦେବୀ ଶକ୍ତି ସ୍ୱରୂପିଣୀ ମା'ଦୁର୍ଗା।
ସିଦ୍ଧିଶ୍ୱରଂ ମହାତନ୍ତ୍ରଂ କାଳୀତନ୍ତ୍ରଂ କୁଳାର୍ଣ୍ଣବଂ
ଜ୍ଞାନାର୍ଣ୍ଣବଂ ନୀଳତନ୍ତ୍ରଂ ଫେତ୍କାରୀ ତନ୍ତ୍ରମୁତ୍ତମମ୍ ॥
ସୃଷ୍ଟି, ପ୍ରଳମ୍ବ, ଦେବପୂଜା, ସାଧନ, ପୁରଶ୍ଚରଣ, ଷଟକର୍ମ ସାଧନ ଏବଂ ଚତୁର୍ବିଧ ଧ୍ୟାନତମ ଏହି ସାତ କୋଣର ବର୍ଣ୍ଣନା ଏଥିରେ ଦେଖିବାକୁ ମିଳେ। ଯଥା-
ସୃଷ୍ଟିଶ୍ଚ ପ୍ରଳୟଶ୍ଚୈବ ଦେବତାନାଂ ଯଥାର୍ଚ୍ଚନମ୍।
ସାଧନଞ୍ଚୈବ ସର୍ବେଷାଂ ପୁରଶ୍ଚରଣ ମେବଚ ॥
ଷଟକର୍ମ ସାଧନଞ୍ଚୈବ ଧ୍ୟାନ ଯୋଗଶ୍ଚତୁର୍ବିଧଃ।
ସପ୍ତଭିଲିକ୍ଷଣୈର୍ଯୁକ୍ତ ମାଗମଂ ତଦ୍ ବିଦୁର୍ବୁଧାଃ ॥
ଏଥିରେ କୁହାଯାଇଛି ଏ ସମସ୍ତ ସାତ ଲକ୍ଷଣର ମୂଳଉତ୍ସ ହେଉଛନ୍ତି ଦେବୀ ଦୁର୍ଗା। ତାଙ୍କର ନାମକୁ ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ପ୍ରାତଃ କାଳରେ ସ୍ମରଣ କଲେ ବା ଜପ କଲେ ସମସ୍ତ ପ୍ରକାର ବାଧା ଦୂରୀଭୂତ ହୋଇଥାଏ। 'ମା' =(ମ+ା) 'ମ' ଶବ୍ଦର ଅର୍ଥ ଆନନ୍ଦ ପ୍ରବର୍ଦ୍ଧକ ଏବଂ ଆ ଫଳା (ା)ର ଅର୍ଥ ବାଧା ପ୍ରତିହତକାରିଣୀ। ଯେ ସମସ୍ତ ପ୍ରକାର ବାଧାକୁ ଦୂରୀଭୂତ କରି ଆନନ୍ଦ ପ୍ରଦାନ କରିଥାନ୍ତି ସେ ହେଉଛନ୍ତି ମା'।

*-ପଣ୍ଡିତ ଦୈତାରି ମହାପାତ୍ର*



## ବାସନ୍ତୀ ନବରାତ୍ର ଓ ଆଶ୍ୱିନରେ ଦୁର୍ଗାପୂଜା

ଦୁର୍ଗା ପୂଜା ଆଶ୍ୱିନ ମାସରେ ହିନ୍ଦୁମାନେ ପାଳନ କରୁଥିବା ଏକ ଉତ୍ସବ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟୀତା ହେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ୍ଗଦ୍ୱାରା ଶିରଚ୍ଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ । ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ,ଏହା ଦେବତାମାନଙ୍କଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ ।



# କଟକ ଦଶହରା

ଦୁର୍ଗା ପୂଜା ଓଡ଼ିଶାର ତଥା ହିନ୍ଦୁ ମାନଙ୍କର ଏକ ବିଶେଷ ପୂଜା ଅଟେ। ଏହି ପର୍ବର ଶେଷ ଦିନଟି ଦଶହରା ତଥା ବିଜୟା ଦଶମୀ ନାମରେ ପରିଚିତ। କଟକର ଏହା ଏକ ପ୍ରଧାନ ପର୍ବ । କଟକ ଦଶହରା ଚାନ୍ଦି ମେଢ଼ ଲାଗି ବିଶ୍ୱ ବିଖ୍ୟାତ, ପୂଜାସମୟରେ ମେଢ଼ ଗୁଡ଼ିକୁ ଓ ମା'ଙ୍କ ମୂର୍ତ୍ତିକୁ ରୂପାନିର୍ମିତ ଅଳଙ୍କାରଦ୍ୱାରା ସଜ୍ଜିତ କରାଯାଇଥଏ, ଆଉ କେତେକ ସ୍ଥାନରେ ଜରିରେ ନିର୍ମିତ ମେଢ଼ ମଧ କରାଯାଇଥାଏ । ଦଶ ଦିନ ଧରି ଏହି ପୂଜା ଚାଲି ଥାଏ । କଟକ ଓଡ଼ିଶାର ସର୍ବପୁରାତନ ନଗର । କଟକର ସୁନା, ରୁପା ଓ ହାତୀଦାନ୍ତର ତାରକସି କାମ ସହ ଏହାର ସୂତା ଓ ରେଶମ ଲୁଗା ଶିଳ୍ପ ଏହାକୁ ଏକ ନିଆରା ମାନ୍ୟତା ଦେଇଛି । ୯୮୯ ଖ୍ରୀ.ଅ.ରେ ଗଠିତ ଏହି ସହର ଭୁବନେଶ୍ୱର, ପୁରୀ ଓ କୋଣାର୍କର ପାଖାପାଖି ଅଛି । ୧୯୪୮ରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ଘୋଷିତ ହେବା ଆଗରୁ, ପ୍ରାୟ ନଅ ଶତାବ୍ଦୀ ଧରି କଟକ ଓଡ଼ିଶାର ରାଜଧାନୀ ରହି ଆସିଥିଲା । କଟକ ଓ ଭୁବନେଶ୍ୱରକୁ ମିଳିତ ଭାବେ ଓଡ଼ିଶାର ଯମଜ ସହର ବୋଲି ମଧ କୁହାଯାଏ । କଟକ ସୁନା ଓ ରୁପାର ତାରକସି କଳା ପାଇଁ ଜଣାଶୁଣା । ଏଠାକାର ସ୍ଥାନୀୟ କାରିଗରମାନେ ସାଧବମାନଙ୍କ ଅମଳରୁ ପାଖାପାଖି ୫୦୦ ବର୍ଷ ଧରି ଏହି କଳାକୁ ଜୀବିତ ରଖିଛନ୍ତି । ଅତୀତରେ ଓଡ଼ିଶାର ନଦୀ ଓ ସମୁଦ୍ର ପଥରେ ଦକ୍ଷିଣ ଏସିଆର ଇଣ୍ଡୋନେସିଆ ଓ ଅନ୍ୟାନ୍ୟ ଦେଶସମୂହ ସହ ବେପାର ବଣିଜ କାରବାର ପାଇଁ ଓଡ଼ିଶାର ସାଧବମାନେ ଏହି ସୁନା ରୁପାର ଅଳଙ୍କାର ନେଇ କଳିଙ୍ଗରୁ ଯାଉଥିଲେ । ଓଡ଼ିଆ ସଂସ୍କୃତି ଅନୁଯାୟୀ କଟକରେ ମଧ ବାର ମାସରେ ତେର ପର୍ବ ପାଳିତ ହୁଏ । ତେବେ ଯେଉଁ ପର୍ବଗୁଡିକ ଲାଗି କଟକ ଦୂରଦୂରାନ୍ତରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ ସେଗୁଡିକ ହେଲା ଦଶହରା ଓ ବାଲିଯାତ୍ରା । ଦଶହରାରେ ଶକ୍ତି ରୂପିଣୀ ଦେବୀ ଦୁର୍ଗାଙ୍କ ପୂଜା କରାଯାଏ । ଦେବୀଙ୍କ ମହିଷମର୍ଦ୍ଦିନୀ ରୂପର ମୃଣ୍ମୟ ପ୍ରତିମାକୁ ନେଇ ସହରସାରା ଅନେକ ମେଢ ତିଆରି ହୋ ?ଇଥାଏ । ଦଶହରାର ଆଡ଼ମ୍ବର ବ୍ୟତୀତ କଟକ ମଧ ଚାନ୍ଦି ମେଢ଼ ଲାଗି ପ୍ରସିଦ୍ଧ । ଏହି ଚାନ୍ଦି ମେଢ଼ରେ ବିପୁଳ ପରିମାଣର ସୁନା ଓ ରୁପା ବ୍ୟବହୃତ ହୋଇଥାଏ । ଏହି ମେଢ଼ଗୁଡିକ ତାରକସି କାମର ଅନନ୍ୟ ନମୁନା । ପୂର୍ବ କାଳରେ ଜାଭା, ବାଲି, ସୁମାତ୍ରା ଆଦି ସ୍ଥାନମାନଙ୍କୁ ବୋଇତ ନେଇ ବେପାର କରିବାକୁ ଯାଉଥିବା ସାଧବପୁଅମାନଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ଲାଗି ବାଲିଯାତ୍ରାର ଆୟୋଜନ କରାଯାଏ । ନଭେମ୍ବରରେ ଆୟୋଜିତ ହେଉଥିବା ବାଲିଯାତ୍ରା ଦେଖିବା ଲାଗି ଏବଂ ବେପାର କରିବା ଲାଗି ଏହି ସମୟରେ କଟକରେ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରୁ ଆସି ଲୋକେ ଭିଡ ଜମାନ୍ତି । ସେହିପରି ଜାନୁଆରୀରେ ପାଳିତ ହେଉଥିବା ମକର ସଂକ୍ରାନ୍ତିରେ ରଙ୍ଗବେରଙ୍ଗର ଗୁଡିରେ ଭରିଯାଇଥିବା ଆକାଶ ଅତ୍ୟନ୍ତ ସୁନ୍ଦର ଦିଶେ ।

# ଦେବୀ ସକଳବସ୍ତୁରେ ପରିବ୍ୟାପ୍ତ

**ଦେବୀ**ପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ । ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । 'ବଳି' ଶବ୍ଦର ଅର୍ଥ ହେଉଛି ଉପହାର । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି 'ଗୋସାଣୀ ଯାତ' ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ । ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ 'ମହାପୂଜା' ମଧ କୁହାଯାଏ । ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଅଛି । ଏହି ପର୍ବର ମହତ୍ତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି । କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ ମୋଗଲମାନଙ୍କ ସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ । ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ୍‌ଗ ପୂଜା କରାଯାଏ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦ୍‌ଯାପନ ପର୍ବ ମଧ ଦଶହରା ତିଥିରେ ପାଳିତ ହୁଏ । ପରମ- ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ । ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ । ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷରା' । ଦେବୀ ଭାଗବତର ମତେ, ରାବଣର ନିଧନ ପାଇଁ ବ୍ରହ୍ମାଙ୍କ ପରାମର୍ଶ ମତେ ଶ୍ରୀରାମ ବସନ୍ତ କାଳରେ ଦେବୀପୂଜା କରିବାକୁ ଚାହିଁଲେ। କାରଣ, ଶରତକାଳ ଅକାଳ, ଆଷାଢ଼ ଶୁକ୍ଳ ଏକାଦଶୀ (ହରିଶୟନ ଏକାଦଶୀ) ଠାରୁ ହେମନ୍ତ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଦେବତାମାନେ ନିଦ୍ରା ଯାଆନ୍ତି । ବ୍ରହ୍ମାଙ୍କ ନିର୍ଦ୍ଦେଶ ମତେ ଶ୍ରୀରାମଚନ୍ଦ୍ର କନ୍ୟାରାଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଦେବୀଙ୍କ ଅକାଳ ବୋଧନ ନିମନ୍ତେ ପୂଜାର ଆୟୋଜନ କରିଥିଲେ । ଶ୍ରୀରାମ ଧ୍ୟାନ ବଳରେ, ଦେବୀ କୁମାରୀ ରୂପରେ ବିଲ୍ୱବୃକ୍ଷ ଶାଖାରେ ଶାୟିତ ଥିବା ଜାଣିପାରି, ସକାଳେ କଳ୍ପାରମ୍ଭ ଓ ସନ୍ଧ୍ୟାବେଳେ ବିଲ୍ୱବୃକ୍ଷମୂଳେ ଆରମ୍ଭ କଲେ ଦେବୀଙ୍କ୍ ବୋଧନ । ଏହାପରେ ସପ୍ତମୀ ତିଥିରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ।







**ମା'ଙ୍କ ଧରାବତରଣ:** (୧) ବରମୁଣ୍ଡା (୨) ନୟାପଲ୍ଲୀ (୩) ବମିଖାଲ ପୂଜାମଣ୍ଡପ। (ଫଟୋ-ଦିନଲିପି)










## ପୋଲିସର ପାପୁଲି ଛିଡ଼ାଇଥିବା ଅଭିଯୁକ୍ତଙ୍କୁ ଏନକାଉଣ୍ଟର

ସମ୍ବଲପୁର,୧୦।୧୦: ପୋଲିସକୁ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ରରେ ହାଣି ପାପୁଲି ଛିଡାଇ ଦେଇଥିବା ଅଭିଯୁକ୍ତଙ୍କୁ ସମ୍ବଲପୁର ପୋଲିସ ଏନକାଉଣ୍ଟର କରିଛି । ଗୁରୁବାର ସକାଳୁ ଏ.କଟାପାଲି ନିକଟ ଜଙ୍ଗଲରେ ଅଭିଯୁକ୍ତ କମଲୁ ପ୍ରଧାନଙ୍କୁ ଏନକାଉଣ୍ଟର କରାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତର ଡାହାଣ ଗୋଡରେ ଗୁଳି ବାଜି ଥିବାରୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଗତ ୪ତାରିଖରେ ଝରାପାଲିରେ ପାରିବାରିକ କଳହର ସମାଧାନ ପାଇଁ ଯାଇଥିବା ବେଳେ ଏହି ଅଭିଯୁକ୍ତ ପୋଲିସକୁ ଆକ୍ରମଣ କରିଥିଲା । ପରେ ଫେରାର ହୋଇଯାଇଥିଲା ଅଭିଯୁକ୍ତ। ଏ.କଟାପାଲି ଜଙ୍ଗଲରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ବେଳେ ପୁଣି ଥରେ ପୁଲିସ ଉପରକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା କମଲୁ। ଜଣେ ପୋଲିସ କର୍ମଚାରୀ ଆହତ ହେବାରୁ ପୋଲିସ କମଲୁଙ୍କୁ ଏନକାଉଣ୍ଟର କରିଥିବା ଜଣାପଡ଼ିଛି।

## ଇ-କେୱାଇସି ଅପ୍‌ଡେଟ୍ ସରିଲେ ନୂଆ ରାସନ କାର୍ଡ

ଭୁବନେଶ୍ୱର,୧୦।୧୦: ରାସନ କାର୍ଡରେ ଇକେୱାଇସି ସଦ୍ୟତଥ୍ୟ(ଅପ୍‌ଡେଟ୍) ରଖିବା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ପାଖାପାଖି ୨କୋଟି ୩୦ଲକ୍ଷ ଇ-କେୱାଇସି ଅପଡେଟ୍ ସରିଲାଣି ଆଉ ୧କୋଟି ଲୋକଙ୍କ ଇ-କେୱାଇସି ବାକି ରହିଛି। ଆସନ୍ତା ୧୫ରୁ ୨୦ ଦିନରେ ଇ-କେୱାଇସି ଅପ୍‌ଡେଟ୍ ଶେଷ ହେବ। ପରେ ନୂଆ କାର୍ଡ ବଣ୍ଟାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ୨୦୨୮ ପର୍ଯ୍ୟନ୍ତ ଗରିବଙ୍କୁ ମାଗଣାରେ ଚାଉଳ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଘୋଷଣା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ମଧ୍ୟରେ ସେହି ଅନୁପାତରେ ମାଗଣା ଚାଉଳ ଯୋଗାଣ ଅବଧି ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।




## ଶ୍ରମିକଙ୍କ ମୃତ୍ୟୁ ପରେ କଂପାନୀରୁ ମୃତଦେହ ଗାଏବ !



ପାରାଦୀପ ଗଡ଼,୧୦।୧୦: (ନିପ୍ର) ଏଠାକାର ଶ୍ରମିକ ମହଲରେ ଅଭିଯୋଗ ହୋଇଛି ଯେ ଜେଏମବକ୍ସୀ କଂପାନୀ ଏକ ମୃତ ଶରୀର ଗାଏବ କରିଛି । ଗୁରୁବାର ପାରାଦୀପର ପାଞ୍ଚ ନମ୍ବର ଫାଟକ ଠାରେ ଥିବା ଜେଏମବକ୍ସୀ କମ୍ପାନୀରେ କାର୍ଯ୍ୟ କରିବା ସମୟରେ ଅପର୍ଣ୍ଣା ସ୍ୱାଇଁଙ୍କ ପୁଅ ଶ୍ରମିକ ଭୋଳାନାଥ ସ୍ୱାଇଁ (ଗ୍ରାମ: ଧନୁବେଲାରି) ଦୁର୍ଘଟଣାଗ୍ରସ୍ତ ହେବାରୁ ମୃତ୍ୟୁ ଘଟିଥିଲା। ପରେ କମ୍ପାନୀ ତାଙ୍କ ପରିବାରକୁ କୌଣସି ଖବର ନ ଦେଇ ମୃତଦେହକୁ କମ୍ପାନୀ ମଧ୍ୟରୁ ଗୋପନରେ ଗାଏବ କରିଥିବା ଅଭିଯୋଗ ଉଠାଇ କାର୍ଯ୍ୟ କରୁଥିବା ଶ୍ରମିକମାନେ କମ୍ପାନୀ ସମ୍ମୁଖରେ ପ୍ରତିବାଦ କରିଛନ୍ତି।

## ଝଲସୁଛି ରୌପ୍ୟ ନଗରୀ

କଟକ, ୧୦/୧୦: ଶାରଦୀୟ ପାର୍ବଣର ମହମହ ବାସ୍ନା । ଧରା ଅବତରଣ କରିଛନ୍ତି ମହାମାୟା ଦୁର୍ଗା। ମନ୍ତ୍ରପାଠ ଓ ଶଙ୍ଖଧ୍ୱନିରେ ପ୍ରକମ୍ପିତ ହେଉଛି ପରିବେଶ। ଗୁରୁବାର ମଣ୍ଡପରେ ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କର ସପ୍ତମୀ ପୂଜା ହୋଇଛି। ସକାଳୁ ସୂର୍ଯ୍ୟ ପୂଜା କରାଯାଇ କଳସ ଯାତ୍ରା କରାଯିବା ପରେ ରୀତିନୀତି ଅନୁସାରେ ପୂଜା କରାଯାଇ ମା'ଙ୍କ ପ୍ରାଣ ପ୍ରତିଷ୍ଠା ଓ ଚକ୍ଷୁଦାନ କରାଯାଇଛି। ବୁଧବାର ସହରର ବିଭିନ୍ନ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିର ବିଲ୍ୱବରଣ ଓ ଷଷ୍ଠୀ ପୂଜା ହୋଇଥିଲା। ଶୁକ୍ରବାର ଦିନ ମା'ଙ୍କର ମହାଷ୍ଟମୀ ପୂଜା ହେବ। ଦଶହରା ପୂଜା ଅବସରରେ ସଂପ୍ରତି ଝଲସୁଛି ରୌପ୍ୟ ନଗରୀ। ଅଭୁତପୂର୍ବ ଶୋଭାରାଜିରେ ଚମକୁଛି ବିଭିନ୍ନ ପୂଜା ମଣ୍ଡପ। କଟକର ବିଭିନ୍ନ ମଣ୍ଡପରେ ସୁନା ଚାନ୍ଦି ମେଢ଼ରେ ମା'ଙ୍କ ମୃଣ୍ମୟୀ ମୂ□ିଗୁଡ଼ିକ ସଜ୍ଜିତ ହୋଇଛି। ଦଶହରାରେ ଚଳିତ ବର୍ଷ ସହରରେ ୩୪ଟି ମଣ୍ଡପରେ ଚାନ୍ଦି ମେଢ୍ ହୋଇଥିବାବେଳେ ୯ଟି ମେଢ଼ରେ ସୁନା ସାଜସଜ୍ଜାରେ ଝଲସୁଛନ୍ତି ମା ଦୁର୍ଗା। ବିଭିନ୍ନ ପୂଜା ମଣ୍ଡପରେ ଜନସାଧାରଣଙ୍କର ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ସେହିପରି ସହରର ବିଭିନ୍ନ ମଣ୍ଡପରେ ଆଖିଝୋସି ହୋଇଯିବା ଭଳି ସାଜସଜ୍ଜା ଦେଖିବାକୁ ମିଳୁଛି । ଖାନନଗର, ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, ଶେଖ ବଜାର, ଚାନ୍ଦିନୀଚୌକ, ଚାଉଳିଆଗଞ୍ଜ ପ୍ରଭୃତି ସ୍ଥାନରେ ଆଲୋକମାଳା ଓ ଇଲେକ୍ଟ୍ରିକ୍‌ତୋରଣ ଦେଖଣା ହାରୀଙ୍କ ମନକୁ ମୋହି ନେଉଛି। ଏହାଛଡ଼ା ଖାନନଗର-ଖପୁରିଆ ଶିଳ୍ପା□ଳ ପୂଜା ମଣ୍ଡପ ନିକଟରେ "ବୈଷ୍ଣବଦେବୀ ତୋରଣ" ଏବଂ ଶିଖରପୁର-ଗଣ୍ଡରପୁର-ମହାନଦୀବିହାର ପୂଜା କମିଟି ପକ୍ଷରୁ "ରାମମନ୍ଦିର ତୋରଣ" ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।






ତିଥି : (ଅଷ୍ଟମୀ) : (ଉତ୍ତରାଷାଢ଼ା ଧନୁ)
ଅମୃତ: ଦି ଘ.୮ ।୫୦ ଗତେ ଦି ଘ.୧୦। ୨୨ମଧ୍ୟେ

## ଆଜିର ଅନୁଚିନ୍ତନ

ଶସ୍ତ୍ର ମଧ୍ୟେ ଶ୍ରେଷ୍ଠ ବଜ୍ର ନାମଟି ମୋହର
ଧେନୁ ମଧ୍ୟେ କାମଧେନୁ ଅଟେ ନାମ ମୋର ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଅନ୍ତିମ ସାରାଂଶ

ଯୁଦ୍ଧର ସୂତ୍ରପାତ ଘଟେ ଦୁଇ ବିଚାରଧାରା ଯେତେବେଳେ ପରସ୍ପର ସଂଘର୍ଷରତ ରହେ। ଯାହା ହମାସ -ଇସ୍ରାଏଲ ମଧ୍ୟରେ ଚାଲୁ ରହିଛି ଏବଂ ଇସ୍ରାଏଲ ଦୃଢ଼ସଂକଳ୍ପ ରହିଛି ଆତଙ୍କବାଦୀଙ୍କ ସମୂଳେ ଉତ୍ପାଟନ ପାଇଁ। କେବଳ ହମାସ ନୁହେଁ ପର୍ଯ୍ୟାୟ କ୍ରମେ ହିଜବୁଲ୍ଲା, ହୁତିଙ୍କ ସଂପୃକ୍ତି ଫଳରେ ଯୁଦ୍ଧର ଘନଘଟା ବଢ଼ିଯାଇଛି। ନ୍ୟାୟ-ଅନ୍ୟାୟର ସଂଘାତ ସଦାକାଳେ ରହିଆସିଛି। ଯଦି ହମାସ ଆତଙ୍କବାଦୀମାନେ ବର୍ଷକ ପୂର୍ବେ ଇସ୍ରାଏଲ ଉପରେ ଅକସ୍ମାତ ଆକ୍ରମଣ କରି ନଥାନ୍ତେ, ଯୁଦ୍ଧ କ୍ରମେ ଜଟିଳ ହୋଇ ନଥାନ୍ତା କି ତାହା ମଧ୍ୟକୁ ଇରାନ ପ୍ରବେଶ କରି ନ ଥାନ୍ତା। ଇରାନର ରାଷ୍ଟ୍ରପତି ନିକଟରେ ଜନତାଙ୍କୁ ସମ୍ବୋଧିତ କରିବା ବେଳେ ସେଥିରେ ସଂହତି ରକ୍ଷା ଅପେକ୍ଷା ଆହ୍ୱାନମୂଳକ ରହିବା ଅର୍ଥ ପରୋକ୍ଷରେ ଯୁଦ୍ଧର ଜାଲକୁ ଅଧିକ ବିସ୍ତାରିତ କରିବା ଲାଗି ଉଦ୍ଦିଷ୍ଟ ଥିଲା କି ନାହିଁ, ତାହା ବିଶ୍ୱବାସୀ ଜାଣିଲେ। ଆତଙ୍କବାଦ ତତ୍ତ୍ୱକୁ ମାନବତାରେ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ଅସହ୍ୟ। କାରଣ ଈଶ୍ୱରଙ୍କ ସୃଷ୍ଟିରେ ମାନବତାବାଦୀମାନେ ସମତା,ଶାନ୍ତି ଓ ପ୍ରଗତି ଉପରେ ଗୁରୁତ୍ୱ ଦେଇଥାନ୍ତି। ସେଠାରେ ଅହଂ ବା ମୁଁକାରପଣ ନଥାଏ। ମହିଷାସୁର ମଧ୍ୟ ଏକଦା ଏପରି ଅହଂର ବଶବର୍ତ୍ତୀ ହୋଇଥିଲା। କେଉଁଟି ଠିକ୍ ,କେଉଁଟି ଭୁଲ ତାହା ପରଖିବା ବା ବିବେଚନା କରିବାର ଜ୍ଞାନ ନ ଥିଲା ବୋଲି ତ ଦେବୀ ଦୁର୍ଗାଙ୍କ ସହ ଲଢ଼ିବା ଉପରେ ଗୁରୁତ୍ୱ ଦେଲା,ଶେଷରେ ତାହାର ବିନାଶ ଘଟିଲା। ଦୁର୍ଗାତତ୍ତ୍ୱ ଏକ ଆଧ୍ୟାତ୍ମିକ ସ୍ଫୁରଣ,ଯାହା ଥରେ ଜାଗ୍ରତ ହେଲେ ବିବେଚନା କରିବା ଶକ୍ତିର ଆବିର୍ଭାବ ଘଟେ। ଜ୍ଞାନ ଓ ଅଜ୍ଞାନତା ମଧ୍ୟରେ ପ୍ରଭେଦ ବୁଝିପାରେ । ସକଳ ମଣିଷ ଜଗତ ସମେତ ଜୀବଜନ୍ତୁ, ଉଦ୍ଭିଦ, ଜଡ,ଚେତନା ସବୁକୁ ଆବୋରି ବସିଥିବା ତତ୍ତ୍ୱ ହିଁ ଦୁର୍ଗାତତ୍ତ୍ୱ। ଦୁର୍ଗମ ବିନାଶ କରିବାକୁ ପ୍ରାଧାନ୍ୟ ଦେଇଥାଏ। ବାସ୍ତବରେ ଆତଙ୍କବାଦ ତତ୍ତ୍ୱ କେବେ ବି ମାନବତାକୁ ପ୍ରଶ୍ରୟ ଦେଇ ନ ଥାଏ,ଏହା ଯେତେ ଦୂର ସମ୍ଭବ କ୍ଷମତା,ଶକ୍ତି,ପ୍ରଭୁତ୍ୱକୁ ବିସ୍ତାର କରିବା ,ଧର୍ମୀୟ ସଂକୀର୍ଣ୍ଣତା କ୍ରମେ ଧର୍ମକୁ ଆଧାର କରି ଅପର ଧର୍ମ ପ୍ରତି ନ୍ୟୂନ ମନୋଭାବ ପୋଷଣ କରିବା,ଅନ୍ୟକୁ କରାୟତ୍ତ କରି ଯେତେ ସମ୍ଭବ ଭୟ ପ୍ରଦର୍ଶନ ପୂର୍ବକ ଅଧୀନରେ ରଖିବାରେ ଉପରେ ବିଶ୍ୱାସ କରେ । ମାତ୍ର ଏପରି ତତ୍ତ୍ୱକୁ ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ସେପରି ଗୋଠ ଭିନ୍ନ ହେବା ସ୍ୱାଭାବିକ। ଦୁଇ ଭିନ୍ନ ଭିନ୍ନ ବିଚାରପନ୍ଥୀଙ୍କ ଦୃଷ୍ଟିଭଙ୍ଗୀରେ ପ୍ରଭେଦ ରହିବ ହିଁ ରହିବ। ଏବେ ହମାସ-ଇସ୍ରାଏଲ ହେଉ କି ୟୁକ୍ରେନ-ରୁଷ ହେଉ ଯୁଦ୍ଧ ପରିପ୍ରେକ୍ଷୀ ଭିନ୍ନ ଭିନ୍ନ ଚିନ୍ତାଧାରାକୁ ଦର୍ଶାଇବା ପାଇଁ ବିଶ୍ୱରେ ମଧ୍ୟ ଦୁଇ ଗୋଷ୍ଠୀ ଧୀରେ ଧୀରେ ଗଢ଼ି ଉଠିଲେଣି। ଯଦି ମାନବତାବାଦ ଓ ଆତଙ୍କବାଦ ମଧ୍ୟରୁ ପୃଥିବୀ ପାଇଁ କେଉଁ ଗୋଟିକ ଜରୁରୀ ତାହାକୁ ଗୁରୁତ୍ୱ ଦିଆ ନଗଲେ ଆଗକୁ ଯୁଦ୍ଧଜନିତ ଜଟିଳତା ଅଧିକ ଧ୍ୱଂସାତ୍ମକ ହେବ। ସହଜେ ପାଣିପାଗ ପରିବର୍ତ୍ତନ ଜନିତ ପ୍ରଭାବରୁ ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବାପେକ୍ଷା ବଢ଼ିଥିବା ବେଳେ ଯୁଦ୍ଧଜନିତ ପାରିବେଶିକ ପ୍ରଭାବ ଦିନକୁ ଦିନ କେତେ କ୍ଷତିକାରକ ହେଉଛି,ତାହା ପ୍ରତି କେହି ଦୃଷ୍ଟି ଦେଇନଥିବା ଉଦ୍‌ବେଗଜନକ। ଈଶ୍ୱରଙ୍କ ସ୍ଥିତି ନେଇ ନାନା ଆଲୋଚନା ହେଉଥିଲେ ହେଁ ପ୍ରକୃତି ସାରା ସେ କିଭଳି ବିଛାଇ ହୋଇ ରହିଛନ୍ତି ତାହାକୁ ପ୍ରତି ମଣିଷ ବୁଝିପାରିଲେ ସମ୍ଭବତଃ ଯେଉଁ ବିସ୍ମୟବୋଧ ଜାଗ୍ରତ ହେବ ତାହା ନିଶ୍ଚୟ ନବଜୀବନର ସୂତ୍ରପାତ କରିପାରିବ। ଯୁଦ୍ଧ ହେଉଛି ଅବୁଝାମଣାର ଅନ୍ତିମ ତଥା ରୂକ୍ଷ ପରିଣତି,ମାତ୍ର ଜିଜ୍ଞାସାବୋଧ ଜରିଆରେ ଏହାର ଅନ୍ୱେଷଣ କଲେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କେବଳ ଶେଷକଥା, ଏହା ହିଁ ଆସିବ ଉପସଂହାର। ଏହି ସ୍ଫୁରଣ ବାସ୍ତବରେ ଦୁର୍ଗାତତ୍ତ୍ୱର ଅନ୍ତିମ ସାରାଂଶ।

# ଯୁଗେ ଯୁଗେ ମାତୃଶକ୍ତି

**ନେତାଜୀ ତାପସ କୁମାର ସାହୁ**

ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟର ବିଜୟ ଧ୍ୱଜା ଉଡ଼ାଇବା ପାଇଁ ଯୁଗେ ଯୁଗେ ପ୍ରଭୁ ଧରାବତରଣ କରିଥାନ୍ତି ଏବଂ ଜଗତଜନନୀଙ୍କ ଭୂମିକା ପ୍ରତିଟି ଅବତାରରେ ଗୁରୁତ୍ୱପୂର୍ଣ୍ଣ ସର୍ବଦା ରହିଥାଏ। ତେଣୁ ଶକ୍ତିଙ୍କ ଉପାସନା ସୃଷ୍ଟି ଆରମ୍ଭରୁ ହିଁ ପ୍ରଚଳିତ । କିଛି ଶତାବ୍ଦୀ ତଳେ ବିଖ୍ୟାତ ବୈଜ୍ଞାନିକ ସାର୍ ଆଇନଷ୍ଟାଇନ କହିଥିଲେ 'ଶକ୍ତିକୁ ସୃଷ୍ଟି କରାଯାଇ ପାରିବ ନାହିଁ କିମ୍ବା ବିନାଶ କରାଯାଇ ପାରିବ ନାହିଁ । ଏହା କେବଳ ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୋଇଥାଏ । ' କିନ୍ତୁ ଏହି ବୈଜ୍ଞାନିକ ସିଦ୍ଧାନ୍ତର କୋଟି କୋଟି ବର୍ଷ ପୂର୍ବରୁ ଦେବୀ ଆରାଧନା ଏହି ସିଦ୍ଧାନ୍ତ ପ୍ରଦାନ କରିଛି । ପୌରାଣିକ ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଠୁ ନେଇ ଅଧୁନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାଏ ପ୍ରତିଟି ମାନବୀୟ ଲୀଳା ପଛରେ ଦେବୀଙ୍କର ପ୍ରଚ୍ଛନ୍ନ ହାତ ରହିଛି । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଅବତାର ଗ୍ରହଣର ମୁଖ୍ୟ ଲକ୍ଷ୍ୟ ଥିଲା ରାବଣର ଅତ୍ୟାଚାରରୁ ସାଧୁସନ୍ଥମାନଙ୍କୁ ସୁରକ୍ଷା ଦେବା ତଥା ନାରୀ ସମ୍ମାନ ଓ ସତ୍ୟର ପୁନଃ ପ୍ରତିଷ୍ଠା । ଏହି କାର୍ଯ୍ୟରେ ଦେବୀ ଦୁର୍ଗାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଚାରି ମାସ ଦେବ ଶୟନ ସମୟ ଚାଲିଥିବା ବେଳେ ରାବଣର ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ପ୍ରଭୁ ରାମ ଆଶ୍ୱିନ ମାସର ଏହି ଅକାଳ ସମୟରେ ମାଆ ଦୁର୍ଗାଙ୍କର ଆରାଧନା କରିଥିଲେ, ଯାହାକି ଆଜିବି ଆମେ ମାନେ ଶାରଦୀୟ ଦୁର୍ଗାପୂଜା ରୂପେ ପାଳନ କରିଥାଉ ।ମାଆ ଦୁର୍ଗା ରାମଚନ୍ଦ୍ରଙ୍କ ଭକ୍ତିରେ ପ୍ରସନ୍ନ ହୋଇଥିଲେ ମଧ୍ୟ ତାଙ୍କର ପରୀକ୍ଷା ନେବା ପୂର୍ବକ ପୂଜାରେ ଅର୍ପଣ କରାଯାଇଥିବା ୧୦୮ ଟି ନୀଳପଦ୍ମ ମଧ୍ୟରୁ ଗୋଟିଏ ଲୁଚେଇ ଦେଇଥିଲେ । ରାମଚନ୍ଦ୍ର ୧୦୭ ଟି ନୀଳପଦ୍ମ ମାଆଙ୍କୁ ଅର୍ପଣ କରିବା ପରେ ଶେଷରେ ଯେତେବେଳେ ଗୋଟିଏ ଫୁଲ ପାଇନଥିଲେ, ନିଜର ତୂଣୀରରୁ ଶର ବାହାର କରି ମାଆଙ୍କୁ ନିଜର ଚକ୍ଷୁ ସମର୍ପଣ କରିବା ପାଇଁ ଉଦ୍ୟତ ହେଇଥିଲେ । କାରଣ ତାଙ୍କୁ ରାଜୀବ ଲୋଚନ କୁହାଯାଏ । ଏହି ସମୟରେ ମାଆ ପ୍ରକଟ ହୋଇ ରାମଙ୍କୁ ରୋକିବା ସହ ବିଜୟ ପାଇଁ ଅଭୟବର ପ୍ରଦାନ କରିଥିଲେ । ଯଦି ରାମଚନ୍ଦ୍ର ଆଜି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଛନ୍ତି ତେବେ ଏଥିପାଇଁ ମାତୃଶକ୍ତିର ଅଲୌକିକ ଆଶୀର୍ବାଦ ରହିଛି ।

ଦ୍ୱାପର ଯୁଗରେ କଂସର ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ଧରାକୁ ରକ୍ଷା କରିବା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଆଗମନ କରିଥିଲେ । ତେବେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପୂର୍ବରୁ ଦେବୀ ଯୋଗମାୟା ନିଜେ ଜନ୍ମ ହୋଇ କଂସକୁ ବଧ କରିବା ନିମନ୍ତେ କୃଷ୍ଣ ଆସୁଥିବାର ସୂଚନା ଦେଇଥିଲେ । ଯେଉଁଥିପାଇଁ ଆଜିବି ଜନ୍ମାଷ୍ଟମୀ ତିଥିରେ ଦୁର୍ଗାପୂଜା ପାଇଁ ନଦୀ ତଟରୁ ମୃତ୍ତିକା ସଂଗ୍ରହ ପରମ୍ପରା ରହିଛି । କଳିଯୁଗରେ ଶ୍ରୀକ୍ଷେତ୍ର ଧାମରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି ବଡ ଠାକୁର ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ହେଉଛନ୍ତି ପ୍ରତିଟି ଓଡ଼ିଆର ପ୍ରାଣ କେନ୍ଦ୍ର । ତେବେ ଶ୍ରୀକ୍ଷେତ୍ର ଧାମର ଅଧିଷ୍ଠାତ୍ରୀ ଦେବୀ ହେଉଛି ମାଆ ବିମଳା, ଯାହାଙ୍କ ପାଖରେ ପ୍ରତିଦିନ ପ୍ରସାଦ ଲାଗିହେଲା ପରେ ହିଁ ତାହା ମହାପ୍ରସାଦରେ ପରିଣତ ହୁଏ । ରଥଯାତ୍ରା ସମୟରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ସମ୍ପୂର୍ଣ୍ଣ ଭାବେ ମାତୃଶକ୍ତିର ପ୍ରତୀକ ହୋଇଥିବା ବେଳେ ରଥାରୂଢ଼ ଦିଅଁଙ୍କ ସମ୍ମୁଖରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଏହି ଅଧରପଣା ନୀତିରେ ବ୍ୟବହୃତ ହେଉଥିବା ପଣାକୁ ତିନି ରଥରେ ବିରାଜିତ ଓ ସୁରକ୍ଷା କରୁଥିବା ଚଣ୍ଡୀଚାମୁଣ୍ଡାମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥାଏ । ସେହିପରି ଆଶ୍ୱିନ ମାସରେ ଅନୁଷ୍ଠିତ ହେଉଥିବା ଶାକ୍ତ ଗୁଣ୍ଡିଚାରେ ଦେବୀ ଦୁର୍ଗାଙ୍କ ସହ ଜଗନ୍ନାଥ ବିଜେ ହୋଇଥାନ୍ତି, ଯାହାକୁ ସାଧାରଣତଃ ଦୁର୍ଗା ମାଧବ ଉପାସନା କୁହାଯାଏ । ମାନବୀୟ ଲୀଳା କରୁଥିବା ଦାରୁ ବିଗ୍ରହ ମାନଙ୍କ ନୂତନ ଦାରୁ ସନ୍ଧାନ ନିମନ୍ତେ ଯୋଡା ଆଷାଢ଼ ବର୍ଷରେ ଅନୁଷ୍ଠିତ ହେଉଥିବା ନବକଳେବର ସମୟରେ ବନଜାଗ ଯାତ୍ରା ଏକ ପ୍ରମୁଖ ପର୍ବ । ଏହି ସମୟରେ ନୂତନ ଦାରୁ କେଉଁଠାରେ ଅଛନ୍ତି ଏଥି ନିମନ୍ତେ କାକଟପୁର ସ୍ଥିତ ମାଆ ମଙ୍ଗଳାଙ୍କ ମନ୍ଦିରରେ ଦଇତାପତିମାନେ ଅଧିଆ ପଡିଥାନ୍ତି । ମାଆ ମଙ୍ଗଳାଙ୍କ ସ୍ୱପ୍ନାଦେଶ ପରେ ସେମାନେ ଆଶୀର୍ବାଦ ଗ୍ରହଣ ପୂର୍ବକ ଦାରୁ ସନ୍ଧାନରେ ଆଗକୁ ବଢ଼ିଥାନ୍ତି । ତେଣୁ ଶକ୍ତିଙ୍କ ସାହାଯ୍ୟରେ ହିଁ ସବୁକିଛି ଲୀଳା ସମ୍ପାଦନ ହୋଇଥାଏ । ଆଜିବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପାଲା ଗାୟନ ପୂର୍ବରୁ ପାଲା ଗାୟକମାନେ ମାଆ ଶାରଳାଙ୍କ ଆଶୀର୍ବାଦ ନେଇ ପାଲା ଗାଇଥାନ୍ତି । ଶେଷରେ ଏତିକି କୁହାଯାଇପାରେ ଶକ୍ତି ସ୍ୱରୂପାଙ୍କ ବିନା ଏ ସଂସାର ଅସାର ଓ ନିଷ୍କ୍ରିୟ ସମାନ । ସଂସାରର ଏପରି କୌଣସି କାର୍ଯ୍ୟ ନାହିଁ ଯେଉଁଠି ଦେବୀ ଶକ୍ତିଙ୍କ ବିନା ପରିକଳ୍ପନା ସମ୍ଭବ ।

ବାଲେଶ୍ୱର ଯୋଗାଯୋଗ - ୮୨୬୦୩୫୬୧୧୩

# ଶକ୍ତିମୟୀ 'ଦୁର୍ଗା'

**ଉମାଶଙ୍କର ପ୍ରସାଦ**

> "ସେ ଅବଳା, ଦୁର୍ବଳା, ମାତୃତୁଲ୍ୟା, ସହନଶୀଳନୀ, ସତ୍ୟ କିନ୍ତୁ ଯେତେବେଳେ ସୃଷ୍ଟି କୌଣସି ଆସୁରିକ ଶକ୍ତିଦ୍ୱାରା ଅତ୍ୟାଚାରିତ ଓ ପୀଡ଼ିତ ହୁଏ ସେତେବେଳେ ଦୈବୀଶକ୍ତିର ଆବିର୍ଭୂତ ହୁଏ । ଯେଉଁ ଶକ୍ତି ହିଁ ମାତୃଶକ୍ତି ଏବଂ ଉକ୍ତ ଆସୁରିକ ଶକ୍ତିର ବିନାଶ ମାତୃଶକ୍ତି ଦ୍ୱାରା ହିଁ ହୋଇଥାଏ। ଏହି ମହନୀୟା ମହାଦେବୀ ଦୁର୍ଗା ସ୍ୱୟଂ ପରଂ ବ୍ରହ୍ମସ୍ୱରୂପା ଏବଂ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରଭୃତି ସମସ୍ତ ଦେବଙ୍କର ଜନ୍ମଦାତ୍ରୀ, ବିଶ୍ୱପ୍ରସବିନୀ ସ୍ୱୟଂ ଆଦିମାତା ।

ଶକ୍ତିପୂଜା ବହୁ ପ୍ରାଚୀନ କାଳରୁ ଆମ ଉତ୍କଳରେ ପ୍ରଚଳିତ ବିଭିନ୍ନ ଧର୍ମ ଶାସ୍ତ୍ରର ପୃଷ୍ଠାକୁ ରୋମନ୍ଥନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ସମସ୍ତ ଶକ୍ତିର ମୂଳମନ୍ତ୍ର ଦେବୀ ଦୁର୍ଗା । ସେ ବିଭିନ୍ନ ନାମରେ ତଥା ରୂପରେ ଯଥା ମହିଷ ମର୍ଦ୍ଦିନୀ, ବନଦୁର୍ଗା, ମହାଦୁର୍ଗା, ଆଦ୍ୟାଶକ୍ତି, ମହାଶକ୍ତି, ଦ୍ୱିଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ଇତ୍ୟାଦି ରୂପରେ ବନ୍ଦିତା। ଶକ୍ତିମୟୀ ଦୁର୍ଗାଙ୍କର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଉଥିଲେ ସୁଦ୍ଧା ବାସ୍ତବିକ ଦେବୀ ହେଉଛନ୍ତି ତ୍ରିଗୁଣାତ୍ମିକା। ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟକାରିଣୀ। ତାଙ୍କୁ ସ୍ମରଣ କରିବାମାତ୍ରେ ସେ ସମସ୍ତ ଜୀବଜଗତର କ୍ଳେଶ ଦୂର କରନ୍ତି । ସେ ସମସ୍ତଙ୍କର ଆଶ୍ରୟଦାତ୍ରୀ ଓ ମୁକ୍ତି ପ୍ରଦାୟିନୀ। ବିଶ୍ୱରୁ ମହିଷାସୁର ପ୍ରକୃତିର ବିଲୋପ ସାଧନ ପାଇଁ ସେ ଜଗଦ୍ଧାତ୍ରୀ, ଦୁର୍ଗତି ନାଶିନୀ ଓ ବିଶ୍ୱମୋହିନୀ ରୂପରେ ଧରାବତୀର୍ଣ୍ଣା ହୋଇ ତମସାଚ୍ଛନ୍ନ ଗତିରେ ନୂତନ ଓ ଦିବ୍ୟ ଆଲୋକର ସନ୍ଧାନ ଦିଅନ୍ତି। ସେ ମହାମାୟା, ଜଗଦମ୍ବା ଓ ବ୍ରହ୍ମସ୍ୱରୂପିଣୀ। ସେ ପରମାତ୍ମା ଓ ଦ୍ୟୁଲୋକର ଜନନୀ । ସେ ଶକ୍ତିମୟୀ ସନ୍ତାନବତ୍ସଳା। ମା' ସନ୍ତାନର ଦୁଃଖ ପ୍ରଶମନ ପାଇଁ, ସେ ଦ୍ୱିଭୁଜା, ଚର୍ତୁଭୁଜା, ଅଷ୍ଟଭୁଜା, ଦଶଭୁଜାକୁ ଧାରଣ କରନ୍ତି। ନାନାବିଧ ରୂପ ଓ ସହସ୍ର ନାମ ନେଇ, ନିତ୍ୟ ପୂଜାପ୍ରାପ୍ତ ହେଉଥିବା ସେହି ଜାଗ୍ରତମୟୀ ମାତୃଶକ୍ତି ଏକ ଅଭିନ୍ନ। ସେହି ଦୀପ୍ତିମୟୀ, ପରମେଶ୍ୱରୀ ଦେବୀ ଦୁର୍ଗା, ସ୍ଥୂଳ ଓ ସୂକ୍ଷ୍ମ ସମସ୍ତ ଶକ୍ତିର ସମନ୍ୱୟ, ଏଣୁ ତାଙ୍କୁ ଶକ୍ତିର ମୂଳାଧାର ଓ ଆଦ୍ୟାଶକ୍ତି ବୋଲି ବର୍ଣ୍ଣନା କରାଯାଇଛି। ତେଣୁ ପୁରାତନ କାଳରୁ ଶକ୍ତିର ବୈଶିଷ୍ଟ୍ୟ ଯୁଗେ ଯୁଗେ ମହାନଭାବେ ପ୍ରତିପାଦିତ ହୋଇ ଆସିଛି। ନାରୀ ସୃଷ୍ଟିକର୍ତ୍ତୀ । ସେ ଅବଳା, ଦୁର୍ବଳା, ମାତୃତୁଲ୍ୟା, ସହନଶୀଳନୀ, ସତ୍ୟ କିନ୍ତୁ ଯେତେବେଳେ ସୃଷ୍ଟି କୌଣସି ଆସୁରିକ ଶକ୍ତିଦ୍ୱାରା ଅତ୍ୟାଚାରିତ ଓ ପୀଡ଼ିତ ହୁଏ ସେତେବେଳେ ଦୈବୀଶକ୍ତିର ଆବିର୍ଭୂତ ହୁଏ । ଯେଉଁ ଶକ୍ତି ହିଁ ମାତୃଶକ୍ତି ଏବଂ ଉକ୍ତ ଆସୁରିକ ଶକ୍ତିର ବିନାଶ ମାତୃଶକ୍ତି ଦ୍ୱାରା ହିଁ ହୋଇଥାଏ । ଏହି ମହନୀୟା ମହାଦେବୀ ଦୁର୍ଗା ସ୍ୱୟଂ ପରଂ ବ୍ରହ୍ମସ୍ୱରୂପା ଏବଂ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରଭୃତି ସମସ୍ତ ଦେବଙ୍କର ଜନ୍ମଦାତ୍ରୀ, ବିଶ୍ୱପ୍ରସବିନୀ ସ୍ୱୟଂ ଆଦିମାତା । ଅର୍ଥାତ୍ ମା ଦୁର୍ଗା ନିଜେ ଅଖଣ୍ଡ ବ୍ରହ୍ମଙ୍କର ସଗୁଣ ସାକାର ପୂର୍ଣ୍ଣତମା ମାତୃମୂର୍ତ୍ତି। ଦେବୀ ଦୁର୍ଗା ଯେ ନିଜେ ତ୍ରିଦେବଙ୍କର ସୃଷ୍ଟିକାରିଣୀ ଆଦିମାତା । ଏହାର ପ୍ରମାଣ ଶ୍ରୀ ଶ୍ରୀ ଚଣ୍ଡୀରେ ଉପଲବ୍ଧ ।

ଯଥା:- "ବିଷ୍ଣୁଃ ଶରୀର ଗ୍ରହଣ, ମହମୀଶାନ ଏବଚ କାରିତାସ୍ତେ ଯତୋଽତସ୍ତ୍ୱାଂ କଃ ସ୍ତୋତୁଂ ଶକ୍ତିମାନ ଭବେତ।"

ମହାଦେବୀ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ସୃଷ୍ଟିକରି ସେମାନଙ୍କ ଦ୍ୱାରା ସୃଷ୍ଟି, ସ୍ଥିତ ଓ ସଂହାରାଦି କାର୍ଯ୍ୟ କରାଇଥାନ୍ତି । ଶିବ ମହାପୁରାଣରେ ଏହା ମଧ୍ୟ ଉଲ୍ଲିଖିତ ଅଛି -

ସୃଷ୍ଟି ସ୍ଥିତି ନାଶମୟୀ ଚ କର୍ତ୍ତ୍ରୀ
ବ୍ରହ୍ମାଦ୍ୟୁତ ସ୍ଥାଣୁ ଶରୀର ହେତୁଃ ।।
ସାତ୍ୱଂ ପ୍ରସୀଦାଦ୍ୟ ପୁନର୍ନମନ୍ତେ ।।

ଅତଏବ ଏହା ମହାଦେବୀ ଦୁର୍ଗା ସ୍ୱୟଂ ପରଂ ବ୍ରହ୍ମ ସ୍ୱରୂପା। ଏକଥା ଦେବ୍ୟଥର୍ବ ଶୀର୍ଷରେ ସ୍ୱୟଂ ମହାଦେବୀଙ୍କ ମୁଖରେ କୁହାଯାଇଛି- "ଅହଂ ବ୍ରହ୍ମ ସ୍ୱରୂପିଣୀ, ମ□ଃ ପ୍ରକୃତିପୁରୁଷତ୍ମକ ଜଗତ"। ଦେବୀ ଭାଗବତରେ ମଧ ଏହାର ପ୍ରମାଣ ଉଲ୍ଲିଖିତ ଅଛି। ଯଥା-

"ଯା ଶକ୍ତି ପରମାତ୍ମସୌ ଯାସୌ ସା ପରମା ମତା ଅନ୍ତରଂ ନୈତୋୟୋଃ କୋଽପି ସୂକ୍ଷ୍ମ ବେଦଚ ନାରଦ"

ଅର୍ଥାତ "ଶକ୍ତି ନିଜେ ପରମାତ୍ମାଟ, ପରମ ଶକ୍ତି ହୋଇ ଏ ଦୁହିଙ୍କର ମଧରେ ପ୍ରଭେଦ, କାହାକୁ ଜଣାନାହିଁ" ।

ଏହି ଶକ୍ତିମୟୀ ତ୍ରିଗୁଣାତ୍ମକ ଦୁର୍ଗାଙ୍କ ବିଷୟରେ ସାବିତ୍ରୀ ମହାକାବ୍ୟର ଶ୍ରୀ ଅରବିନ୍ଦ ଲେଖିଛନ୍ତି - "I am Durga, Goddess of pound & strong And Laxmi, the Queen of Fair & Fortunate. I wear the face of Kali when, kill. I trample the corpses of demon hordes".

ପ୍ରତିବର୍ଷ ପରେ ଏହି ଶରତର ପାର୍ବଣ ତିଥିରେ ମା ଲାସ୍ୟମୟୀ ହାସ୍ୟମୟୀ ଏଧରାପୃଷ୍ଠକୁ ମୃଣ୍ମୟୀ ସାଜି ଆସନ୍ତି ଏବଂ ଏଧରାରୁ ସମସ୍ତ ଦୁଃଖ ଦୁର୍ଦ୍ଦିନକୁ ବିନାଶ କରନ୍ତି। ମାତ୍ର ଆଜିର ସମାଜ କଳୁଷିତ। ଆଜିର ସମାଜ ଯେତେ ଉନ୍ନତିର ଉତୁଙ୍ଗ ଶିଖରକୁ ଉଠିଥିଲେ ମଧ ନାରୀ ନିର୍ଯାତନା, ଯୌତୁକ ପରି ଘୃଣ୍ୟ ପ୍ରଥା ସର୍ବଦିଗ ବିସ୍ତୃତ । ଆଜି ପ୍ରତ୍ୟେକ କ୍ଷେତ୍ରରେ ନାରୀ ଜାତି ଲାଞ୍ଛିତ । ନାରୀଯେ ସକଳ ଶକ୍ତିର ଉତ୍ସ ଏକଥା ଗ୍ରହଣ କରିବା ପାଇଁ କେହି ପ୍ରସ୍ତୁତ ନାହାନ୍ତି । ଧର୍ମ ନାମରେ ଦ୍ୱାହି ଦେଇ ସକଳ ବ୍ୟଭିଚାର ଅଶ୍ଳିଳତା ତାର କାୟା ବିସ୍ତାର କରିବାରେ ଲାଗିଛି । ନିଜ ପରମ୍ପରାକୁ ବଜାୟ ରଖି ଯଦିଓ ଶକ୍ତିପୂଜା ଆଜି ଉତ୍କଳର ପୁରପଲ୍ଲୀ ଠାରୁ ଆରମ୍ଭ ହୋଇ ସଭ୍ୟତାର ଶେଷ ପାହାଚ ପର୍ଯ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହେଉଛି । ମାତ୍ର ଶକ୍ତିପୂଜାର ଅନ୍ତର୍ନିହିତ ଆଧାତ୍ମିକ ମୂଲ୍ୟବୋଧକୁ କେହି ବୁଝିବା ପାଇଁ ଅନିଚ୍ଛୁକ। ନିଷ୍ଠାନାହିଁ ପୂଜା ମଣ୍ଡପରେ ଅଶ୍ଳିଳ ସଙ୍ଗୀତର ମୂର୍ଚ୍ଛନାରେ ନେତା ଠାରୁ ଆରମ୍ଭ କରି ଯୁବପିଢ଼ୀ ପାଶ୍ଚାତ୍ୟ ସଭ୍ୟତାର ଛାପ ନେଇ ନବସଭ୍ୟ ସମାଜ ରଙ୍ଗିନ ସୁଖରେ ମତୁଆଲ । ଡାକବାଜି ଯନ୍ତ୍ରରେ ପୂଜକର ଶ୍ଳୋକାବୃତ ଓ ଆରାଧନା ଅଶ୍ଳୀଳ ସଙ୍ଗୀତର ତାଳେ ତାଳେ ଆଚ୍ଛାଦିତ। ତେବେ, ଏ ସବୁର କ'ଣ ପରିବର୍ତ୍ତନ କେବେ ହେବନି ? ଶକ୍ତି ପୂଜାର ମହତ୍ତ୍ୱକୁ ବାସ୍ତବରେ ଉପଲବ୍ଧ କରିବା ପରେ : ଯଦି ହଁ ସେ ସମୟ କେବେ ଆସିବ ?

ମା' ଶକ୍ତିମୟୀ, ତୁ ସକଳ ଶକ୍ତିର ମୂଳମନ୍ତ୍ର । ଏ ସମାଜ ଆଜି କଳୁଷିତ, ପୃଥିବୀ ଆଜି ଧ୍ୱଂସାଭିମୁଖୀ। 'ୟା'କୁ ଉଦ୍ଧାର କର ମା' ସମସ୍ତଙ୍କ ମନରେ ଶୁଭବୁଦ୍ଧି ପ୍ରଦାନ କର ତୁମେତ ମଙ୍ଗଳଦାୟିନୀ, ମାତୃରୂପିଣୀ ଶକ୍ତି ପ୍ରଦାୟିନୀ, ସତ୍ୟପଥରେ ଆଗକୁ ଯିବା ପାଇଁ ସନ୍ତାନମାନଙ୍କୁ ପଥ ପ୍ରଦର୍ଶନ କରି ନୂତନ ସୃଷ୍ଟିର ସୃଜନ ସହ ଅସତ୍ୟ, ଅନ୍ୟାୟ, ଅତ୍ୟାଚାରର ବିଲୟ କର ମା । ଏ ବିଶ୍ୱରୁ ମହାଭୟର ବିଲୟ ଘଟୁ, ତେଣୁ ଭକ୍ତିପୂତ ନିବେଦନ - "ନମାମି ତ୍ୱା ମହଂ ଦେବୀ ମହାଭୟ ବିନାଶିନୀମ୍" ।

ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦




# କନ୍ୟା ରତ୍ନ, କର ଯତ୍ନ

**ଚିତ୍ତରଞ୍ଜନ ପୃଷ୍ଟି**

> "ସମାଜରେ ପ୍ରତିଟି କ୍ଷେତ୍ରରେ ଝିଅମାନଙ୍କୁ ଅବହେଳା କରାଯାଇ ଆସିଛି। ଶିକ୍ଷା ହେଉ କି ଅଧିକାର,ଭଲ ଖାଦ୍ୟ ହେଉ କି ସ୍ୱାସ୍ଥ୍ୟ ବା ସୁରକ୍ଷା ସବୁ କ୍ଷେତ୍ରରେ ପକ୍ଷପାତିତାର ସାମନା କରି ଆସିଛି ଝିଅ। ଏପରିକି ଖୁବ୍ କମ୍ ବୟସରେ ଝିଅଙ୍କୁ ବାହାଘର କରିଦେବାର ମଧ ଦେଖିବାକୁ ମିଳିଛି। ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ଦେଖା ଦେଇଛି ଝିଅମାନଙ୍କ କ୍ଷେତ୍ରରେ । ସବୁ ଯୋଜନା ସତ୍ତ୍ୱେ କନ୍ୟା ସନ୍ତାନ ଆଜି ସମ୍ପୂର୍ଣ୍ଣ ସୁରକ୍ଷିତ ନୁହନ୍ତି । ଆଜି ମଧ ଲିଙ୍ଗ ନିରୂପଣ ଚାଲିଛି। ଯୌତୁକ ନିର୍ଯାତନା,ଦୁଷ୍କର୍ମ ଭଳି ଅମାନବୀୟ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯେଉଁ ଦିନ ଆମେ ନିଜେ ନିଜର ମାନସିକତାକୁ ବଦଳାଇପାରିବା ତେବେ ସେହିଦିନ ସମାଜରେ ଏକ ବଡ଼ ପରିବର୍ତ୍ତନ ନିଶ୍ଚୟ ହେବ ।

ନାରୀ ଓ ପୁରୁଷ ଉଭୟ ସମାଜର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। ଜଣଙ୍କ ବିନା ଆଉ ଜଣଙ୍କ ଅସ୍ତିତ୍ୱ ଅଦୃଶ୍ୟ। ଗୋଟିଏ ସୁସ୍ଥ ସମାଜ ଗଠନରେ ପୁରୁଷର ଭୂମିକା ଯେତିକି ରହିଛି ଗୋଟିଏ ନାରୀର ଭୂମିକା ମଧ ସେତିକି ରହିଛି । କଥାରେ ଅଛି ଗୋଟିଏ ନାରୀ ଶିକ୍ଷିତ ହୋଇ ପାରିଲେ ସେ ସମଗ୍ର ପରିବାରକୁ ଶିକ୍ଷିତ କରିପାରିବ ।କିନ୍ତୁ ଆଜିର ସଭ୍ୟ ସମାଜରେ କନ୍ୟାଟିଏ ଆଜି ଅବଳା, ଦୁର୍ବଳା ଆଉ ଅଲୋଡା । ବର୍ତ୍ତମାନ ପରିସ୍ଥିତିରେ ପୁଅଟିଏ ଜନ୍ମ ହେଲେ ଲୋକମାନଙ୍କ ଖୁସି କହିଲେ ନସରେ , କିନ୍ତୁ କନ୍ୟାଟିଏ ଜନ୍ମ ହେଲେ ସତେ ଯେମିତି ପାଦ ତଳୁ ମାଟି ଖସିଯାଏ ।ପୁଅ ଝିଅ ମଧ୍ୟରେ ଭେଦଭାବ ସତେ ଯେମିତି ମଣିଷ ମନରେ ବସା ବାନ୍ଧି ରହିଛି । ଆଦ୍ୟଶକ୍ତି ମାଆ ଠାରୁ ଆମେ ସୃଷ୍ଟି । ମାଆ ଗର୍ଭରେ ଭ୍ରୂଣ ସଞ୍ଚାର ହୋଇ ୧୦ ମାସ ୧୦ ଦିନ ରହିବା ପରେ ଭୂମିଷ୍ଠ ହୁଏ ସନ୍ତାନ ।କନ୍ୟା ସନ୍ତାନ ପରିବାର ପାଇଁ ବୋଝବୋଲି ଜନ୍ମଦାତା ମାଆ ମଧ ଭାବିଥାଏ । ସେ ନିଜେ ମହିଳା ହୋଇ ମଧ ଆଗ୍ରହ ଥାଏ ପୁତ୍ର ସନ୍ତାନ ପାଇଁ। ଫଳରେ ବିଶ୍ୱରେ ମହିଳା ଅନୁପାତ କମିବାରେ ଲାଗିଛି । ସ୍ୱାଧୀନତାର ଏତେ ବର୍ଷ ପରେ ଆଜି ବି ଥମିନି କନ୍ୟାଭ୍ରୁଣ ହତ୍ୟା ପରି ଜଘନ୍ୟ ଅପରାଧ । କଅଁଳ ଫୁଲ କଢିଟେ ଫୁଟିବା ଆଗରୁ ଛିଣ୍ଡେଇ ଦେବା ଭଳି , ମା ଗର୍ଭରୁ ଲିଙ୍ଗ ନିରୂପଣ କରାଯାଏ। କନ୍ୟାଭ୍ରୂଣକୁ ମାରିଦିଆଯାଏ । ସମାଜ ଏତେ ସଭ୍ୟ ଶିକ୍ଷିତ ହେବାପରେ ବି ନାରୀ ଆଜି ବି ହୁଏ ହୀନ ମନ୍ୟତାର ଶିକାର । ଲୋକ ଆଧୁନିକତା ଆଡ଼କୁ ଗତି କରୁଥିଲେ ମଧ ଆଜି ବି ସମାଜରେ ଝିଅ ଓ ପୁଅମାନଙ୍କ ଭିତରେ ପ୍ରଭେଦ ପରି ଘଟଣାମାନ ନଜର ଆସୁଛି । ସମାଜରେ ପ୍ରତିଟି କ୍ଷେତ୍ରରେ ଝିଅମାନଙ୍କୁ ଅବହେଳା କରାଯାଇ ଆସିଛି। ଶିକ୍ଷା ହେଉ କି ଅଧିକାର,ଭଲ ଖାଦ୍ୟ ହେଉ କି ସ୍ୱାସ୍ଥ୍ୟ ବା ସୁରକ୍ଷା ସବୁ କ୍ଷେତ୍ରରେ ପକ୍ଷପାତିତାର ସାମନା କରି ଆସିଛି ଝିଅ। ଏପରିକି ଖୁବ୍ କମ୍ ବୟସରେ ଝିଅଙ୍କୁ ବାହାଘର କରିଦେବାର ମଧ ଦେଖିବାକୁ ମିଳିଛି। ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ଦେଖା ଦେଇଛି ଝିଅମାନଙ୍କ କ୍ଷେତ୍ରରେ । ଲିଙ୍ଗଗତ ବୈଷମ୍ୟକୁ ଦୂର କରି କନ୍ୟା ସନ୍ତାନମାନଙ୍କୁ ସବୁ କ୍ଷେତ୍ରରେ ସମାନ ଗୁରୁତ୍ୱ ପ୍ରଦାନ କରି ଏକ ସମୃଦ୍ଧ ଏବଂ ଉଜ୍ଜଳ ସମାଜ ଗଠନ କରିବା ଦିଗରେ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ। ଝିଅମାନେ ଦକ୍ଷତା ସମ୍ପନ୍ନ ହେଲେ ଦେଶ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ଭାବେ ପରିଗଣିତ ହୋଇପାରିବେ ।ଏଥିପାଇଁ ପ୍ରଥମେ ମାନସିକତାକୁ ପରିବର୍ତ୍ତନ କରିବାକୁ ପଡିବ । ମନରୁ ପ୍ରଥମେ ପୁଅ ଓ ଝିଅର ତୁଳନାକୁ ଦୂର କରିବାକୁ ପଡିବ । ଉଭୟଙ୍କର ଆବଶ୍ୟକତା ସମାଜକୁ ସମାନ ଭାବରେ ରହିଛି, ପୁଅକୁ ଝିଅ ସହ ତୁଳନା କିମ୍ବା ଝିଅକୁ ପୁଅ ସହ ତୁଳନା କରିବାର ଆବଶ୍ୟକତା ନାହିଁ । ନଚେତ୍ ସୁସ୍ଥ ସମାଜ ଗଠନ କରିବା ଅସମ୍ଭବ ହୋଇପଡିବ । ଯଦି ଆମେ ଆମ ଘରୁ ପରିବର୍ତ୍ତନ ଆରମ୍ଭ କରିବା, ତେବେ ନିଶ୍ଚିତ ରୂପେ ସମାଜରେ ପରିବର୍ତ୍ତନ ଆସିପାରିବ ।




ପୁଅଟିଏ ଜନ୍ମହେଲେ ରୋଜଗାର କରି ପୋଷିବ ଓ ବଂଶ ରକ୍ଷା କରିବ। କନ୍ୟା ସନ୍ତାନ ଜନ୍ମ ହେଲେ ପରଘରକୁ ଚାଲିଯିବ ଏବଂ ବିବାହ ବେଳେ ଯୌତୁକ ପାଇଁ ମା'ବାପାଙ୍କ ଲାଗି ବୋଝ ସାଜିବ। ଏଭଳି ହୀନ ମାନସିକତା ଯୋଗୁ ସମାଜରେ ଦିନକୁ ଦିନ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପୁରା ସମାଜରେ ଲିଙ୍ଗୀୟ ଭେଦଭାବ ଓ ତାଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା । ଏହା ବ୍ୟତୀତ ଶିକ୍ଷା, ପୋଷଣ, କାନୁନ କ୍ଷେତ୍ରରେ ଅଧିକାର, ଚିକିତ୍ସା, ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ବାଲ୍ୟ ବିବାହ ରୋକିବା ଏହାର ଉଦ୍ଦେଶ୍ୟ। ନାରୀକୁ ସମାଜରେ ସେତିକି ସମ୍ମାନ ମିଳିନଥାଏ, ଯେତିକି ପାଇବାକୁ ସେ ହକ୍‌ଦାର। ବର୍ତ୍ତମାନର ଆଧୁନିକ ଯୁଗରେ ବି କନ୍ୟା ଭ୍ରୂଣ ହତ୍ୟା ହେଉଛି। ସେହିପରି ଆଉ କେଉଁଠି ନବବିବାହିତା ବଧୂକୁ ସାମାନ୍ୟ କେଇଟା ଟଙ୍କା ପାଇଁ ମାରି ଦିଆଯାଉଛି। ଆଜିର ଦିନରେ ସାରା ଦେଶରେ ଝିଅମାନଙ୍କ ସମ୍ମାନ ଓ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ସମାଜରେ ବହୁଳ ଭାବେ ହେଉଥିବା କନ୍ୟାଭ୍ରୂଣ ହତ୍ୟା, ଯୌତୁକ ନିର୍ଯାତନା, ଦୁଷ୍କର୍ମ ଆଦି ସାମାଜିକ ବ୍ୟାଧିକୁ ରୋକିବା ଓ କନ୍ୟାମାନଙ୍କୁ ସମ୍ମାନର ସହ ସମାଜରେ ବଞ୍ଚିବାକୁ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଶିଶୁକନ୍ୟାମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ସହ ସେମାନଙ୍କର ପାରଦର୍ଶିତାକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଆଜି 'ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ' ପାଳିତ ହେଉଛି । ଏହି ଦିବସରେ ନା କେବଳ କନ୍ୟାମାନଙ୍କର ସମସ୍ୟା ବିଷୟରେ ସେମାନଙ୍କୁ ସଚେତନ କରାଇଥାଏ ଏହା ସହିତ କନ୍ୟାମାନଙ୍କର ଅସୁବିଧାର ସମାଧାନ କିପରି ହୋଇପାରିବ ତାହାକୁ ମଧ ଧ୍ୟାନ ଦିଆଯାଏ ।

ଆଜି ହେଉଛି 'ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ' । ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳଲକ୍ଷ୍ୟ । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି ।ତେବେ କନ୍ୟା ଭ୍ରୂଣ ହତ୍ୟା ରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁ କନ୍ୟାଙ୍କ ଶିକ୍ଷା, ପୃଷ୍ଟି, ସ୍ୱାସ୍ଥ୍ୟ, ଆଇନଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୋଧରେ ଦେଖା ଦେଉଥିବା ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟ ବିବାହ ପ୍ରଥା ରୋକିବା ଆଦି ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଭାବେ ପାଳନ କରାଯାଉଛି ।

ବିଶ୍ୱରେ ଶିଶୁ କନ୍ୟାଙ୍କ ପ୍ରତି ଦେଖା ଦେଇଥିବା ଅନ୍ୟାୟ ଓ ଅତ୍ୟାଚାର ରୋକିବା ଉଦ୍ଦେଶ୍ୟରେ କେତେକ ସାମାଜିକ ସଂଗଠନ ଏବଂ ସଦସ୍ୟ ରାଷ୍ଟ୍ରଙ୍କ ପ୍ରସ୍ତାବକ୍ରମେ ୨୦୧୨ ଅକ୍ଟୋବର ୧୧ ତାରିଖରେ ମିଳିତ ଜାତିସଂଘ ଏହି ଦିବସ ପାଳନକୁ ଅନୁମୋଦନ କରିଥିଲା । ଏହି ଦିବସ ପାଳନ ଉପଲକ୍ଷେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଲିଙ୍ଗଗତ ବୈଷମ୍ୟ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ । କେବଳ ସରକାର ନୁହେଁ ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱ ବୋଧତାର ଅଗ୍ରଗତି ଜରୁରୀ । ସବୁ ଯୋଜନା ସତ୍ତ୍ୱେ କନ୍ୟା ସନ୍ତାନ ଆଜି ସମ୍ପୂର୍ଣ୍ଣ ସୁରକ୍ଷିତ ନୁହନ୍ତି । ଆଜି ମଧ ଲିଙ୍ଗ ନିରୂପଣ ଚାଲିଛି। ଯୌତୁକ ନିର୍ଯାତନା,ଦୁଷ୍କର୍ମ ଭଳି ଅମାନବୀୟ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯେଉଁ ଦିନ ଆମେ ନିଜେ ନିଜର ମାନସିକତାକୁ ବଦଳାଇପାରିବା ତେବେ ସେହିଦିନ ସମାଜରେ ଏକ ବଡ଼ ପରିବର୍ତ୍ତନ ନିଶ୍ଚୟ ହେବ । ସମାଜ ପ୍ରଗତି ପଥରେ ଆଗେଇ ପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୦।୧୦(ନି.ପ୍ର):ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ପ୍ରଶାସନ ତରଫରୁ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ଜିଲ୍ଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଚାରିଟି କମିଟି ଯଥା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି,କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଆଜି ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମିଳିତ ବୈଠକରେ ଜିଲ୍ଲାପାଳ ଡଃ. ମହାପାତ୍ର ଅଧ୍ୟକ୍ଷତା କରି କହିଲେ ଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି । ବିଭାଗ ଗୁଡିକ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ସହିତ ନବରଙ୍ଗପୁର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ଏହି ସମନ୍ୱୟ ବୈଠକ ସହାୟକ କରି ପାରିବ ବୋଲି ମତବ୍ୟକ୍ତ କରିବା ସହିତ ଜିଲ୍ଲାରେ ଥିବା ସମସ୍ତ ଅନାଥ ଶିଶୁ ଓ ଏକକ ମାତାପିତା ଥିବା ଶିଶୁ ମାନଙ୍କର ଥଇଥାନ ପାଇଁ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ତିନି ମାସ ମଧ୍ୟରେ ଜିଲ୍ଲାର ଦଶଗୋଟି ବ୍ଲକ ରେ ଶିଶୁ ମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ କରାଯାଇ ସମସ୍ତ ଅନାଥ ଶିଶୁ ଓ ଏକକ ମାତା ପିତା ଥିବା ଶିଶୁମାନଙ୍କୁ ବିଧିବଦ୍ଧ ଭାବରେ ଉପସ୍ଥିତ କରାଇବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା




ଶିଶୁ ସୁରକ୍ଷା କମିଟି ଓ ବାଲ୍ୟବିବାହ ଟାସ୍କ ଫୋର୍ସ ଗଠନ ହୋଇଥିବାର ସୂଚନା ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦୌପଦୀ କହଁର ନିଜର ବକ୍ତବ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ୟୁନିସେଫ ଓ ଆକ୍ସନଏଡ ସଂସ୍ଥାର ମିଳିତ ପ୍ରୟାସରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ଗ୍ରାମ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବାର ସୂଚନା ଦେଇଥିଲେ । ପରେ ଆକ୍ସନଏଡ ସଂସ୍ଥାର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ଶିଶୁ ମାନଙ୍କର ସୁରକ୍ଷା ଓ ବାଲ୍ୟ ବିବାହର ସମାପ୍ତ ଉଦ୍ଦେଶ୍ୟରେ ଜିଲ୍ଲାରେ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବୈଠକରେ ଉପସ୍ଥାପନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶନୀ,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରରଞ୍ଜନ,ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଜିଲ୍ଲା ଶାରୀରିକ ଶିକ୍ଷକ ପ୍ରଭାତ ପଟ୍ଟନାୟକ ଓ ଜିଲ୍ଲା ର ସମସ୍ତ ସିଡିପିଓ ତଥା ବାଲ୍ୟ ବିବାହ ଅଧିକାରୀ,ଚାଇଲ୍ଡ ଲାଇନ ଜିଲ୍ଲା କର୍ମକର୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ଅନାଥ ଶିଶୁ ଓ ଏକକ ମାତାପିତା ଥିବା ଶିଶୁ ମାନଙ୍କୁ ଥଇଥାନ ଏବଂ ବାଲ୍ୟ ବିବାହର ସମାପ୍ତ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋପବନ୍ଧୁ ଦାସଙ୍କ ସମାଜ ସେବା ଉପରେ ଆଲୋଚନା

ଆସିକା,୧୦।୧୦ (ନିପ୍ର); ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୭ ତମ ଜନ୍ମ ଜୟନ୍ତୀ ଆସିକା ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ପକ୍ଷରୁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗଣେଶ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫୋଟୋ ଚିତ୍ରରେ ଭକ୍ତି ପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଶିକ୍ଷକ ନେତା ପୀତବାସ ମହାପାତ୍ର, ସମବାୟବିତ ପ୍ରଦୀପ ପାଣିଗ୍ରାହୀ ଓକିଲ ସଂଘ ର ସମ୍ପାଦକ ବିଦେଶୀ ନାୟକ,ବରିଷ୍ଠ ଆଇନଜୀବୀ ଅନିଲ କୁମାର ପାଣିଗ୍ରାହୀ, ଅବସର ପ୍ରାପ୍ତ ଶିକ୍ଷା ନିରୀକ୍ଷକ ବନମାଳୀ ସାମନ୍ତରାୟ, ଆସିକା ବିଜ୍ଞାନ କଲେଜର ପ୍ରାଧାପକ ସଚ୍ଚିଦାନନ୍ଦ ମହାନ୍ତି, ଅବସର ପ୍ରାପ୍ତ ଇଂରେଜ ଶିକ୍ଷକ ଭବାନୀ ଶଙ୍କର ରଥ, ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ, ସମାଜସେବା, ବଦନ୍ୟତା, ପରୋପକାରୀ, ସମାଜ ପ୍ରତି ତାଙ୍କର ଅବଦାନ ଉପରେ ବହୁ ବକ୍ତା ମତ ରଖିଥିଲେ ।

## କାଶୀନଗରରେ ଗୋପବନ୍ଧୁ ଜୟନ୍ତୀ

କାଶୀନଗର,୧୦।୧୦ (ନିପ୍ର); କାଶୀନଗର ବଂଶଧାରା ପାଠାଗାର ଠାରେ ପଞ୍ଚସଖାଙ୍କ ମଧରେ ଅନ୍ୟତମ ସାରସ୍ୱତ ସାଧକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଏକ ବୈଠକ ପାଠାଗାର ସଭାପତି ହୃଷିକେଶ ଗୌଡ଼ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପଣ୍ଡିତ ଗୋପବନ୍ଧୁ ଦାସଫୋଟୋ ଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବୈଠକରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ, ନିଷ୍ଠା, ସମାଜ ପ୍ରତି ତାଙ୍କ ତ୍ୟାଗ ବିଷୟରେ ଏକ ଆଲୋଚନା ହୋଇଥିଲା । ଆଲୋଚନାରେ ସାମ୍ବାଦିକ ଆନନ୍ଦ ପାତ୍ର, ରାଜେଶ ପଟନାୟକ, ରାଧାନାଥ ଚୌଧୁରୀ, ନାନାଜି ଚୌଧୁରୀ, କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମା'ଙ୍କ ଆଗମନ, ବଲାଙ୍ଗୀର ଚଳଚଞ୍ଚଳ

ବଲାଙ୍ଗୀର,୧୦।୧୦(ନିପ୍ର): ବଲାଙ୍ଗୀର ସହର ଟିକ୍ରାପଡା ଗାନ୍ଧୀପାଠାଗାରରେ ୫୭ ତମ ଦୁର୍ଗା ପୂଜା ଗତ ୩/୧୦/୨୪ଠାରୁ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ୨/୧୦/୨୪ ଦିନ ବିଲ୍ୱବରଣ ସହ ନବରାତ୍ର ଦୁର୍ଗା ପୂଜା ଆୟୋଜନ କରାଯାଇଛି । ଚଳିତ ବର୍ଷ ଆୟୋଜନ କମିଟିର ସଭାପତି ପ୍ରକାଶ ନେପାକ, ସମ୍ପାଦକ ପ୍ରଦୀପ ସାହୁ, କୋଷାଧକ୍ଷ ଜିତେନ୍ଦ୍ର ନାଗଙ୍କ ସହ ଉପସଭାପତି ସନ୍ତକ ବହିଦାର, ବରିଷ୍ଠ ସଭ୍ୟ ଭଗବାନ ବଗର୍ତି, ସଭ୍ୟ ଆକବର (ମାନା ) ଖାନ, ସଞ୍ଜୟ ଗଡ଼ତ୍ୟା, ରାଜେନ୍ଦ୍ର ପାଣି ପ୍ରବୀଣ ଦର୍ଜୀ, ଟୁନା ହୋତା, ଅଜିତ ପଣ୍ଡା, ଦିଲୀପ ସାହୁ,ବାଦଲ ସାହୁ, ଜିତୁ ମାଟାରୀ, ଅବଦୁଲ ରାଜ୍ଜାକ, ଦାଶରଥି ସାହୁ, ବାବୁ ଶ୍ରୀଚନ୍ଦନ, ସଂଗ୍ରାମ ବହିଦାର, ଦୁର୍ଗା ସାହୁ,ରାଜେନ୍ଦ୍ର ମିଶ୍ର, ମହିଳା କମିଟି ସଭାପତି ବନେଶ୍ୱରୀ ବେହେରା,ସଭ୍ୟା ମିନତୀ ରଥ, ଦମୟନ୍ତୀ ବାଗ, ସଭ୍ୟା ସବିତା ବେହେରା, ମଞ୍ଜୁଳା ମିଶ୍ର ପ୍ରମୁଖ ପୂଜା ଦାୟିତ୍ୱ ବହନ କରିଛନ୍ତି । ପଣ୍ଡିତ ଶୁକଦେବ ତ୍ରିପାଠୀ ଏବଂ ସାଥି ପୂଜା କାର୍ଯ୍ୟ ସମ୍ପାଦନା କରିବା ସହ ମୁଖ୍ୟ କର୍ତ୍ତା ବୈଷ୍ଣବ ସାହୁ ଓ ସହଧର୍ମିଣୀ ସ୍ନେହଲତା ସାହୁ ଏବଂ ନଅ ଦିନରେ ନଅ ଜଣ ସହଯୋଗୀ କର୍ତ୍ତା ରୂପେ -ଅଶୋକ ଦାସ ଓ ସହଧର୍ମିଣୀ ସାଧନା ଦାସ,ପ୍ରକାଶ ନେପାକ ଓ ଭାରତୀ ନେପାକ, ଅବିନାଶ ବେହେରା ଓ ବନେଶ୍ୱରୀ ବେହେରା, ରାଜୁ ମିଶ୍ର ଓ ମଞ୍ଜୁଳା ମିଶ୍ର,ବାବୁଲା ରଥ ଓ ମିନତୀ ରଥ ଅମୀୟ ମିଶ୍ର ଓ ଦମୟନ୍ତୀ ମିଶ୍ର, ଜିତୁ ମଟାରୀ ଓ ପ୍ରତିମା ମଟାରୀ ଦିଲୀପ ସାହୁ ଓ କଳ୍ପନା ସାହୁ, ସଂଜୀବ (ଟୁନୁ) ସାହୁ ଓ ପ୍ରୀତି ସାହୁ, ରଂଜିତ ଗୋୟଲ ଓ ନେହା ଗୋୟଲ ପ୍ରମୁଖ ମାଙ୍କ ପୂଜା ଓ ଉପାସନା କରୁଛନ୍ତି । ମେଢ଼ ସାଜଶଯ୍ୟା ପାଇଁ ସୋହେଲାରୁ ଏବଂ ଆଲୋକ ସାଜଶଯ୍ୟା ଫୁଲବାଣୀରୁ ଆସିଛନ୍ତି । ଚଳିତ ବର୍ଷ ବିଶେଷ କରି ସମସ୍ତ ପଡ଼ାବାସୀଙ୍କୁ ସାମିଲ କରି ମାଙ୍କ ପୂଜା ଉପରେ ପ୍ରାଧାନ୍ୟ ଦିଆଯାଇଥିବା ସଭାପତି ପ୍ରକାଶ ନେପାକ ସୂଚନା ଦେଇଛନ୍ତି ।

## ଜୈବିକ କୃଷି ଦ୍ୱାରା ଉତ୍ପାଦିତ ହେଉଛି ଅନେକ ଖାଦ୍ୟଶସ୍ୟ

ରାୟଗଡା,୧୦।୧୦ (ନିପ୍ର); ଜିଲ୍ଲା ପ୍ରଶାସନ ରାୟଗଡ ଦ୍ୱାରା ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ କରାଯାଇଥିଲା । ଏହି ଅବସରରେ ରାୟଗଡ ଜିଲ୍ଲାପରିଷଦର ଅଧକ୍ଷ ସୁଶ୍ରୀ ସରସ୍ୱତୀ ମାଝୀ ଯୋଗଦେଇ ରାୟଗଡା ଜିଲ୍ଲାରେ ଜୈବିକ କୃଷି ଦ୍ୱାରା ଉତ୍ପାଦିତ ଅନେକ ଖାଦ୍ୟ ଶସ୍ୟ ରହିଛି ସେଗୁଡିକୁ ଖାଇ ଆମେ ପୁଷ୍ଟି ବଢାଇ ପାରିବା ବୋଲି କହିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ରୀ ବିଚିତ୍ରା ସେଠୀ, ସୁରକ୍ଷା ଅଧିକାରୀ ପ୍ରତିମା ଦାସ, କାର୍ଯକ୍ରମ ଅଧିକାରୀ ସୁଜାତା ତ୍ରିପାଠୀଙ୍କ ସମେତ ଜିଲ୍ଲାର ସମସ୍ତ ୧୧ଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଦ୍ୱିକ । କିଶୋରୀ ବାଳିକା ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମମତା ସାହୁ ଯୋଗଦେଇ ଜଣେ ବ୍ୟକ୍ତି ନିଜର ପିଲାଦିନରେ ଯେଉଁ ଖାଦ୍ୟ ପ୍ରତି ଅଧିକ ଜୋର ଥାଏ ସେହି ଭଳି ଖାଦ୍ୟ ପ୍ରତି ନିଜର ଦୁର୍ବଳତା ସବୁବେଳେ ଦେଖାଇଥାଏ ବୋଲି କହିଥିଲେ ତେଣୁ ପୁଷ୍ଟି ବିଷୟରେ ଗୁରୁତ୍ୱ ଦେବା ସମୟରେ ପରିବାରର ମୁଖ୍ୟ ମାନେ ପିଲା ମାନଙ୍କ ଖାଦ୍ୟ ପ୍ରତି ଥିବା ଦୁର୍ବଳତାକୁ ଆଖି ଆଗରେ ରଖି ସେହି ଖାଦ୍ୟରେ ପୁଷ୍ଟି ପ୍ରତି ଧାନ ଦେବାକୁ ପଡିବ । ଏହି ଅବସରରେ ପୋଷଣ ସଂକ୍ରାନ୍ତରେ ଖାଦ୍ୟ ପ୍ରସ୍ତୁତି କରି ପ୍ରଦର୍ଶନ କରାଯାଇଥିଲା ଓ ବିଭିନ୍ନ ପ୍ରତିଯୋଗିତା କରାଯାଇ ଥିଲା । ଶେଷରେ ଗତ ଏକ ମାସ ଧରି ଚାଲିଥିବା ପୋଷଣ ମାସ କାର୍ଯକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପକୁ ପୁରସ୍କାର ପ୍ରଦାନ ସହ ଉତ୍ସାହିତ କରାଯାଇଥିଲା ଏହି କାର୍ଯକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ କରିଥିଲା ବେଳେ, ଆକ୍ସନ ଏଡର ଜିଲ୍ଲା ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ପରିଚାଳନା କରିଥିଲା ବେଳେ ପୋଷଣ ଜିଲ୍ଲା ସଂଯୋଜିକା ମଧୁଲତା ଦଣ୍ଡସେନା, ଜିଲ୍ଲା ସହାୟକ ମହେନ୍ଦ୍ର ଦାସ ପ୍ରମୁଖ କାର୍ଯକ୍ରମ ଆୟୋଜନ କରିବାରେ ସହାୟତା କରିଥିଲେ ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ

ଭବାନୀପାଟଣା, ୧୦/୧୦ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ବାଳିକା ଦିବସ ଓ ସପ୍ତାହ ପାଳନ ଅବସରରେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଜିଲ୍ଲାପରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସମାଜ କଲ୍ୟାଣ ଅଧିକାରୀ ମୁଜିବିନ ନିଶା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରୂପେଶ କୁମାର ହୋତା ତଥା ସମସ୍ତ ସଭ୍ୟ ଅଶୋକ ରଞ୍ଜନ ଚୌଧୁରୀ, ସଞ୍ଜୟ କୁମାର, ବସନ୍ତ ପଟ୍ଟନାୟକ, ଭରତ ଭୂଷଣ ପଣ୍ଡା, ସହକାରୀ ଜିଲ୍ଲାପାଳ ମମତା ଦାସ ଓ ସୌଦାମିନୀ ମାଝୀ, ଉପ ଆରକ୍ଷୀ ଅଧୀକ୍ଷକ ମୁକ୍ତି କୁମାର କୁଲୁ, କଳାହାଣ୍ଡି ଜିଲ୍ଲାର ସ୍ଥାନୀୟ ତହସିଲଦାର ଶୁଭସ୍ମିତ। ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, କିଶୋର ନ୍ୟାୟ ବୋର୍ଡର ଦୁଇ ସଦସ୍ୟ ଭବାନୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ମହାନ୍ତି ଓ ଜିଲ୍ଲାସ୍ତରରୁ ଆସିଥିବା ବିଭିନ୍ନ ଅଧିକାରୀଗଣ ପ୍ରମୁଖ ଅଂଶଗ୍ରହଣ କରି ଝିଅ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଭବିଷ୍ୟତ ଜୀବନ ଉପରେ ଆଲୋକପାତ କରିଥିଲେ ।

ଝିଅ ଶିଶୁ ମାନେ କିପରି ନିର୍ଭୟ ସହକାରେ ସେମାନଙ୍କର ଭବିଷ୍ୟତ କାର୍ଯ୍ୟକୁ ସମ୍ପାଦନ କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଝିଅ ଶିଶୁମାନଙ୍କ ପାଇଁ ଥିବା ସରକାରୀ ପ୍ରସାହନ ବିଷୟରେ ଅବଗତ କରାଇଥିଲେ । ଏଥିରେ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଝିଅ ଶିଶୁମାନଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇ ଝିଅ ମାନେ କିପରି ଆଗକୁ ସମସ୍ତ କ୍ଷେତ୍ରରେ କୃତିତ୍ୱର ସହ ପ୍ରତିଯୋଗିତା କରିପାରିବେ ସେହି ଦିଗରେ ଝିଅ ଶିଶୁମାନଙ୍କୁ ଅବଗତ କରି ଉତ୍ସାହିତ କରିଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଣ ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ରାଜଲକ୍ଷ୍ମୀ ଦାସ ଜିଲ୍ଲାରୁ ଆସିଥିବା ସମସ୍ତ ଅଫିସର ବିଭିନ୍ନ ଅଂଶ ଗ୍ରହଣକାରୀ ତଥା ସେମାନଙ୍କର ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅନ୍ୟତମ ଅଧିକାରୀ ଅଂଶୁମାନ ବାବୁ ମଞ୍ଚ ପରିଚାଳନା କରିଥିଲେ ।

## ସ୍କୁଲ ଘର ନିର୍ମାଣ : ଟଙ୍କା ଖାଇଗଲେ ସରପଞ୍ଚଙ୍କ ସ୍ୱାମୀ,ଅଭିଯୋଗ ଆଣିଲେ ଗ୍ରାମବାସୀ

ଡ଼ାବୁଗା,୧୦।୧୦ (ନିପ୍ର): ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଟେମେରା ପଞ୍ଚାୟତ ଦୁର୍ନୀତିର ଗନ୍ତା ଘର ପାଲଟିଛି । ଟେମେରା ସରପଞ୍ଚଙ୍କ ସ୍ୱାମୀ ନାମରେ ଟାଙ୍ଗନି ଗ୍ରାମର ଗ୍ରାମବାସୀ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଆମ ଓଡ଼ିଶା ନବୀନ ଓଡ଼ିଶାର ସ୍କୁଲ ଘର ନିର୍ମାଣ ପାଇଁ ଆସିଥିବା ତିନି ଲକ୍ଷ ଟଙ୍କା ଆତ୍ମସାତ କରିବା ବିଷୟରେ ଗଣମାଧମକୁ ସୂଚନା ଦେଇଛନ୍ତି ଗ୍ରାମବାସୀ ।ସରପଞ୍ଚଙ୍କ ସ୍ୱାମୀ ଏକ ଲକ୍ଷ ଟଙ୍କାର କାମ କରି ଦୁଇ ଲକ୍ଷ ଟଙ୍କାକୁ ଆତ୍ମସାତ କରିବା ପାଇଁ ଯୋଜନା କରିଛନ୍ତି । ଏବିଷୟରେ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ ଯନ୍ତ୍ରୀ ଏବଂ ବ୍ଲକ ପ୍ରଶାସନ । ଏଭଳି ଅଭିଯୋଗ ହେବା ପରେ ବ୍ଲକ ଦାୟିତ୍ୱ ରେ ଥିବା ବ୍ଲକ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରାଗଲା କିନ୍ତୁ ଯୋଗାଯୋଗ ହୋଇ ପାରିଲା ନାହିଁ । ଝରିଗାଁ ବ୍ଲକ ଏକ ଉପାନ୍ତ




ଅଞ୍ଚଳ ହୋଇ ଥିବାରୁ ଏଠାରେ ଅଧିକାଂଶ କାମ ଏଭଳି ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାର ଚାଲିଛି । ଯେହେତୁ ଏହି ଦୁର୍ନୀତି ଆଦିବାସୀ ପିଲାଙ୍କ ଭବିଷ୍ୟତ କୁ ନେଇ ଜଡିତ ତେଣୁ ଏହିକୁ ଗଣଶିକ୍ଷା ମନ୍ତ୍ରୀ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ବିଶେଷ ଧ୍ୟାନ ଦେବା ଆବଶ୍ୟକ ହୋଇ ପଡିଥିବା ସ୍ଥାନୀୟ ଲୋକଙ୍କ ମଧରେ ମତପ୍ରକାଶ ପାଇଛି ।

## ସତ୍ତା ହରେଇଲାଣି କାଠ ନିର୍ମିତ ମୂର୍ତ୍ତି ଓ ମୁଖା

ଭାପୁର,୧୦।୧୦ (ନିପ୍ର): ଦିନ ଥିଲା ଖଣ୍ଡପଡ଼ା କୁମ୍ଭାର ସାହି କାଠ କାରିଗର ମାନଙ୍କର କାଠ ନିର୍ମିତ ମୂର୍ତ୍ତି ଏବଂ ମୁଖା ସାରା ରାଜ୍ୟରେ ପ୍ରସିଦ୍ଧ ଲାଭ କରିଥିଲା । ରାମଲୀଳା ହେଉଥିବା ଅନୁଷ୍ଠାନ ମାନେ ରାବଣ,ହନୁମାନ,ସୁଗ୍ରୀବ ଆଦି ବିଭିନ୍ନ ପୌରାଣିକ ଚରିତ୍ର ମାନଙ୍କର ମୁଖା ଖଣ୍ଡପଡ଼ାରୁ କ୍ରୟ କରି ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିଲେ କିନ୍ତୁ, ବର୍ତ୍ତମାନ ଯୁବସମାଜ ଏହି ହସ୍ତଶିଳ୍ପ ପ୍ରତି ଆଉ ଆଗ୍ରହ ଦେଖାଉ ନ ଥିବାରୁ କାଷ୍ଠ ନିର୍ମିତ ମୁଖା ଓ ମୂର୍ତ୍ତି ଶିଳ୍ପ ବନ୍ଦ ହେବାକୁ ବସିଛି । ଶୁଖିଲା କାଠ ଗଣ୍ଡିକୁ ନିହଣ ଓ ହାତୁଡ଼ିରେ ବିଭିନ୍ନ ମୂର୍ତ୍ତିର ରୂପନେଇ ରଙ୍ଗ ତୂଳୀରେ ସଜେଇ ଏକଦା ଦେଶ ଓ ବିଦେଶରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଥିଲା ଖଣ୍ଡପଡ଼ା ମାଟି । ଖଣ୍ଡପଡ଼ା କୁମ୍ଭାର ସାହିର ୨୦ ରୁ ଉର୍ଦ୍ଧ୍ୱ ପରିବାର ଏହାକୁ କୌଳିକ ବୃତ୍ତି ରୂପେ ଆପଣେଇ ପରିବାର ପ୍ରତିପୋଷଣ କରୁଥିଲେ । ବଜାର ଚାହିଦା ଏବଂ କଞ୍ଚା ମାଲର ଅଭାବ ଯୋଗୁ ଏହି କାଷ୍ଠ ଶିଳ୍ପ ବନ୍ଦ ହେବାକୁ ବସିଲାଣି । ଲିମ୍ବ,ପାଳଧୂଆ, ସିମିଳି କାଠର ଗଣ୍ଡି ଜୀବନ୍ୟାସ ପାଉଥିଲା ଶିଳ୍ପୀଙ୍କ ଯାଦୁକରୀ ହସ୍ତରେ । କିନ୍ତୁ,ଧୀରେ ଧୀରେ ଆଧୁନିକତାର ସୁନାମି ରେ ଧୋଇ ହୋଇଯାଇଛି ସ୍ୱତନ୍ତ୍ର ହସ୍ତକଳା ଏବଂ ଇତିହାସ ପାଲଟିବାକୁ ବସିଛି ଖଣ୍ଡପଡ଼ା କୁମ୍ଭାର ସାହିର କାଠ ମୁଖା ଓ ମୂର୍ତ୍ତି କାରିଗରଙ୍କ ପରିବାର ।ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି,ଘର ସଜ୍ଜା ଜିନିଷ,ମୁଖା ଆଦି ଲୋପ ହେବାକୁ ବସିଲାଣି । ତେଣୁ,ରାଜ୍ୟ ସରକାର ଏହି ଶିଳ୍ପକୁ ପ୍ରୋତ୍ସାହନ ଦେଇ ଶିଳ୍ପକୁ ବଞ୍ଚେଇ ରଖିବାକୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି ।

## ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ

ଚାରିଛକ,୧୦।୧୦ (ନିପ୍ର): ସାରା ରାଜ୍ୟରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳନ କରୁଥିବା ବେଳେ ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ଗୋପବନ୍ଧୁ ମେମୋରିୟଲ ଟ୍ରଷ୍ଟର ସଭାପତି ଅର୍ଜୁନ ପାତ୍ର ଙ୍କ ନେତୃତ୍ୱରେ ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୭ ତମ ଜନ୍ମ ଜୟନ୍ତୀରେ ୬୫ ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ଟରରେଟ ତ୍ରିନାଥ ପଟନାୟକ , ମୁଖ୍ୟ ବକ୍ତା ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ପ୍ରାପ୍ତନ ପ୍ରଫେସର ଗୋପୀନାଥ କର ,ଓ ସମ୍ମାନିତ ଭାବେ କାକଟପୁର ମଙ୍ଗଳା ହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଡକ୍ଟର ସନ୍ତୋଷ ମିତ୍ର , ବସନ୍ତ କୁମାର ପାତ୍ର ,ଶିକ୍ଷାବିତ ନିରୋଧ ବରଣ ଖୁଣ୍ଟିଆ , ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତି ସଭ୍ୟା ସସ୍ମିତା ପାତ୍ର , କବିରାଜ କୁଳମଣି ସାହୁ ମେମୋରିୟଲ ଟ୍ରଷ୍ଟର ସଭାପତି ଡକ୍ଟର କେଦାରନାଥ ସାହୁ, ଚାରିଛକ ଅଞ୍ଚଳର ସମାଜସେବୀ ସନାତନ ପାତ୍ର , ଶିକ୍ଷାବିତ ନେତ୍ରାନନ୍ଦ ବାରିକି, ଶିକ୍ଷାବିତ ଗୁଣନିଧି ଭୋଇ ,କାହ୍ନୁଚରଣ ବେହେରା ଯୋଗଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ଜାଳି ସଭା କାର୍ଯ୍ୟ ଆରମ୍ଭ କରିଥିଲେ ।

## ମାନସିକ ସ୍ୱାସ୍ଥ୍ୟ ନେଇ ସଚେତନତା

କାଶୀନଗର,୧୦।୧୦ (ନିପ୍ର); ଗଜପତି ଜିଲ୍ଲାର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠ ସ୍ଥିତ ନିୟତି ସ୍କୁଲ୍ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନିୟତି ସ୍କୁଲ ଠାରେ "ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ" ପାଳନ କରାଯାଇଥିଲା । ସ୍କୁଲର ଅଧାପିକା ସ୍ନେହଲତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଡି.ଆଇ.ଏ.ଏସ ବିମଳ ରାଉତ ଯୋଗଦେଇ ପିଲାମାନଙ୍କ ସ୍ୱାସ୍ଥ୍ୟ ବିଷୟରେ କହିଥିଲେ । ଶ୍ରବଣଶକ୍ତି, ଏବଂ କହିବା ଶକ୍ତି ଉପରେ ବହୁତ୍ ସୁନ୍ଦର ଭାବରେ ବୁଝାଇଥିଲେ । ନିୟତି ସ୍କୁଲ୍ ସମ୍ପାଦିକା ତନୁଜା ଶତପଥି ପିଲାମାନଙ୍କ ମଙ୍ଗଳ କାମନା କରିଥିଲେ । ସେ କହିଥିଲେ, ସମର୍ଥ ଅଛନ୍ତି ପିଲାମାନେ ବହୁତ କିଛି ଆଗକୁ କରିପାରିବେ, ଭୌତିକ ଚିକିତ୍ସା ଡ଼.ଅରୁଣ କୁମାର ନାୟକ ଯୋଗ ଦେଇ ଭୌତିକ ଚିକିତ୍ସା ଉପରେ କହିଥିଲେ ।ଏହି କାର୍ଯ୍ୟକର୍ମକୁ ଯୋଛନା ଡାକୁଆ, ସୁନିତ ଗମାଙ୍ଗ ସହଯୋଗ କରିଥିଲେ । ଶେଷରେ ଅରୁଣ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପୁରୀରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ପୁରୀ,୧୦।୧୦ (ନିପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପବିତ୍ର ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା । ସିଂହଦ୍ୱାର ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସର୍ବୋଦୟ ମେଳା ସମ୍ପାଦକ ଶିବ ପ୍ରସାଦ ମିଶ୍ର,ଜ୍ୟୋତ୍ସ୍ନା ମୟୀ ନାୟକ,ଭାରତ ବିକାଶ ପରିଷଦର କ୍ଷେତ୍ରିୟ ମହାସଚିବ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ପୁରୀ ସେବା ସମିତିର ସମ୍ପାଦକ ରବିନ୍ଦ୍ର ନାଥ ସେନାପତି, ସମ୍ପାଦକ ସୌମେନ୍ଦ୍ର ଦାସ,,ଆଦ୍ୟମ ଫାଉଣ୍ଡେସନ ଟ୍ରଷ୍ଟର ରାକେଶ କୁମାର ବାରିକ,ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା, ସମାଜସେବୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା ।ପରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ସାକ୍ଷୀ ଗୋପାଳ ମନ୍ଦିର ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ବକୁଳ ବନରେ ଥିବା ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି , ସମାଧି ସ୍ଥଳରେ ଥିବା ସ୍ମୃତିସ୍ତମ୍ଭ, କାଦୁଆସ୍ଥିତ ଗୋପବନ୍ଧୁ ଓ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ସୁଆଣ୍ଡୋସ୍ଥିତ ଗୋପବନ୍ଧୁଙ୍କ ଷଠିଘରେ, ଗୋପବନ୍ଧୁ ପାର୍କ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସଂଗ୍ରହାଳୟରେ ଥିବା ଗୋପବନ୍ଧୁଙ୍କ ଫଟୋ ଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ ।

## ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ : ପୁଅ-ଝିଅ ଭିତରେ ପାତରଅନ୍ତର କରିବା ନାହିଁ

ଭଦ୍ରକ,୧୦।୧୦ (ନିପ୍ର): ନାରୀ ଓ ପୁରୁଷ ସମାଜର ପରସ୍ପର ପରିପୂରକ ହେଲେ ବି ନାରୀ ଠାରୁ ହିଁ ଆମ ସମସ୍ତଙ୍କର ସୃଷ୍ଟି । ନାରୀ ହିଁ ସକଳ ଶକ୍ତିର ଆଧାର । ପୁରୁଷ ଶାରୀରିକ ଭାବେ ନାରୀଠାରୁ ଅଧିକ ଶକ୍ତିଶାଳୀ ହେଲେ ବି ନାରୀ ପୁରୁଷ ଠାରୁ ସଦା ସର୍ବଦା ଅଧିକ କାର୍ଯ୍ୟକ୍ଷମ । ପୁରୁଷମାନେ ଶୈଶବରେ ମା' ଉପରେ, ଯୌବନରେ ସ୍ତ୍ରୀ ଉପରେ, ବାର୍ଦ୍ଧକ୍ୟରେ ପୁତ୍ରବଧୂ, କନ୍ୟା ଉପରେ ଏହିପରି ସାରାଜୀବନ ମହିଳା ଉପରେ ନିର୍ଭରଶୀଳ । ତଥାପି ଶିଶୁ କନ୍ୟାର ସୁରକ୍ଷା ଆଜି ଚିନ୍ତାଜନକ । ଶିଶୁ କନ୍ୟାଟିଏ ଜନ୍ମନେଲେ ପରିବାର ର ସମସ୍ତେ ମନ ଦୁଃଖ କରୁଛନ୍ତି । କିନ୍ତୁ ଆଜିର ଦିନରେ ଝିଅଟିଏ ସବୁ କ୍ଷେତ୍ରରେ ପୁଅଠାରୁ ଆଗୁଆ ପ୍ରମାଣିତ କରିପାରିଛି । ଏହି ପରିପ୍ରେକ୍ଷୀରେ ଝିଅ ପୁଅ ମଧରେ ଆମେ ପାତର ଅନ୍ତର ରଖିବା ନାହିଁ । ଆମେ ସମସ୍ତେ ଆଜିର ସମାଜରେ ଯାହା ଦେଖୁଛୁ ପୁଅ ସ୍ତ୍ରୀ ପାଇଲା ପର୍ଯ୍ୟନ୍ତ ମାତ୍ର ଝିଅ ଆମ ଜୀବନ ଶେଷ ହେଲା ପର୍ଯ୍ୟନ୍ତ । ତେଣୁ ନାରୀର ହକ୍ ତାକୁ ଦେବା ଆମର ପରମ କର୍ତ୍ତବ୍ୟ ବୋଲି ସଂସ୍କୃତି ଭବନରେ ଆୟୋଜିତ ଭଦ୍ରକ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ ।

ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ବାସୁଦେବପୁର ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଚାନ୍ଦବାଲି ଏନ୍.ଏ.ସି. ଅଧକ୍ଷା ଶାନ୍ତିଲତା ସେଠୀ, ଡି.ଏସ୍.ଡବ୍ଲୁ.ଓ. ପୁଷ୍ପଲତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟକି ମିଳିତ ଜାତି ସଂଘର ଅନୁମୋଦନ କ୍ରମେ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ରୂପେ ପାଳନ କରାଯାଇ



ଆସୁଅଛି । ଚଳିତ ବର୍ଷ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଅକ୍ଟୋବର ଦୁଇରୁ ୧୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ଦିବସକୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରରେ ଅକ୍ଟୋବର ୯ରେ ପାଳନ କରାଗଲା । ଶିଶୁ କନ୍ୟାମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ମୌଳିକ ଅଧିକାର ନେଇ ସମୃଦ୍ଧ ଜୀବନ ଗଠନ ପାଇଁ ପ୍ରତ୍ୟେକ ପରିବାରକୁ ସଚେତନ କରିବା ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ମଧ ଅତିଥିମାନେ ଆଲୋକପାତ କରିଥିଲେ । ଭ୍ରୁଣହତ୍ୟା ନିଷେଧ ନେଇ ସମସ୍ତ ବାପା, ମା' ସଚେତନ ହେବା ଆବଶ୍ୟକ । ଶିଶୁ କନ୍ୟା ପ୍ରତି ନିର୍ଯାତନା କି ଅବହେଳା ଆଦୌ ଗ୍ରହଣୀୟ ନୁହେଁ । ପ୍ରତ୍ୟେକ ନାରୀ ମଧ ନିଜକୁ କେବେ ଛୋଟ ନ ମଣି ନିଜ ଅଧିକାର ସାବ୍ୟସ୍ତ ପାଇଁ ସଚେତନ ହେବା ଜରୁରୀ ବୋଲି ମଧ ଆଲୋଚନା କରାଯାଇଥିଲା । ନାରୀକ୍ଷେତ୍ରରେ ବିଶେଷ ସଫଳତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ଅଧାପିକା ସାହିତ୍ୟିକା ରାଧାରାଣୀ ମହାପାତ୍ର, ସମାଜସେବୀ, ମୁକ୍ତାଶୟ ଶିଶୁ ଯତ୍ନ ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ଯମୁନାଲାଲ ବଜାଜ୍ ପୁରସ୍କାର ପୁରସ୍କାରପ୍ରାପ୍ତା ସେଖ୍ ସୋଫିଆ, ଉଦ୍ୟୋଗ ପତି ଏମ୍.ବି.କେ. ମହିଳା କମଳା ମିତ୍ର, ସ୍ୱର୍ଣ୍ଣପଦକ ବିଜେତା କ୍ରୀଡ଼ାବିତ୍ ସ୍ମୃତିରେଖା ସେଠୀ, ଅଦ୍ୱିକା ସ୍ୱେଚ୍ଛାସେବୀ ଦୀପ୍ତିମୟୀ ମହାନ୍ତି ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଶିଶୁ କନ୍ୟା ସୁରକ୍ଷା ନେଇ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଶପଥ ପାଠ କରାଇ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ କର୍ମଚାରୀ ସେକ୍ ଶିରାଜ ଅକତର, ଜିଲ୍ଲା ବାଲ୍ୟ ବିବାହ ନିଷେଧ ସଂଯୋଜକ ପ୍ରଦ୍ୟୁତରଞ୍ଜନ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ । ସଂପୃକ୍ତ ପ୍ରଶାସନିକ ଅଧିକାରୀ ସମସ୍ତ ସି.ଡ଼ି.ପି.ଓ, ସୁପରଭାଇଜର, ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଗଣମାଧମ ପ୍ରତିନିଧି ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ, ୨୫ ହଜାରରୁ ଅଧିକ ସଭ୍ୟ ସଂଗ୍ରହ ଲକ୍ଷ୍ୟ

ଭବାନୀପାଟଣା,୧୦/୧୦(ନିପ୍ର): ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଠାରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି । ଭୁବନେଶ୍ୱର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସଭାରେ ନବୀନ ପଟ୍ଟନାୟକ ଯୋଗଦେଇ ବିଜେଡି ର ପ୍ରଥମ ସଦସ୍ୟତା ନେବା ସହ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ଟାଉନ ହଲ ଠାରେ କଳାହାଣ୍ଡି ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନକୁ ଆରମ୍ଭ ହୋଇଛି । ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଭାସି ମାଧମରେ ଏହାର ଶୁଭାରମ୍ଭ କରିଥିଲେ । କଳାହାଣ୍ଡି ଜିଲାର ୫ଟି ବିଧାନସଭା କ୍ଷେତ୍ରରେ ୨୫ ହଜାର ରୁ ଅଧିକ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହ ଦେଓ, ଜିଲା କାର୍ଯ୍ୟକାରୀ ସଭାପତି ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାଶ, ସମବାୟ ସଭାପତି ଗିରିଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଉପାଧକ୍ଷ ସୁଧିରା ମେହେର, ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ବରିଷ୍ଠ ବିଜେଡ଼ି ନେତା ଭବାନୀ ଶଙ୍କର ମିଶ୍ର, ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ସଂଯୁକ୍ତା ବେହେରା, ଆୟୁବଅଲ୍ଲି ଖାନ୍, ପ୍ରଶାନ୍ତ ନାଏକ, ବଦ୍ରିନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ଭାରତ ତିଆରି କରିବ ୨ ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ

ନୂଆଦିଲ୍ଲୀ,୧୦।୧୦: ଭାରତ ନିର୍ମାଣ କରିବ ୨ଟି ପରମାଣୁ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ। ସ୍ୱଦେଶୀ ଜ୍ଞାନକୌଶଳରେ ଏହା ତିଆରି କରାଯିବ। ଭାରତ ସରକାରଙ୍କ କ୍ୟାବିନେଟ କମିଟି ଅନ୍ ସିକ୍ୟୁରିଟି (ସିସିଏସ) ଏ ନେଇ ଅନୁମତି ପ୍ରଦାନ କରିଛି। ଏହାଦ୍ୱାରା ଭାରତୀୟ ନୌସେନାକୁ ଅଧିକ ଶକ୍ତି ମିଳିବ। ଉଭୟ ସାମରିକ ଏବଂ ଆକ୍ରମଣାତ୍ମକ କ୍ଷମତା ବୃଦ୍ଧି ପାଇବ। ବିଶାଖାପାଟଣାସ୍ଥିତ ଜାହାଜ ନିର୍ମାଣ କେନ୍ଦ୍ରରେ ଏହି ବୁଡ଼ାଜାହାଜ ନିର୍ମାଣ କରାଯିବ। ଏଥିପାଇଁ ଘରୋଇ କମ୍ପାନୀ ଲାର୍ସନ ଆଣ୍ଡ ଟର୍ବୋର ସହାୟତା ନିଆଯାଇପାରେ। ୯୫ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗ କରାଯିବ। ଅରିହନ୍ତ ଶ୍ରେଣୀର ବୁଡ଼ାଜାହାଜଠାରୁ ଏହା ଅଲଗା ହେବ। ଉଚ୍ଚସ୍ତରୀୟ ଜାହାଜ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ଅଧୀନରେ ଏହାର ନିର୍ମାଣ କରାଯିବ।

## ଏକ ଦେଶ, ଏକ ନିର୍ବାଚନ' ନିଷ୍ପତ୍ତି ବିରୋଧରେ କେରଳ, ବିଧାନସଭାରେ ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ,୧୦।୧୦: କେରଳ ବିଧାନସଭା ସାରା ଦେଶରେ ଏକାସଙ୍ଗରେ ନିର୍ବାଚନ କରାଇବା ନେଇ କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ପ୍ରସ୍ତାବ ପାରିତ କରିଛି । ଗୁରୁବାର ସର୍ବସମ୍ମତିରେ ଏହି ପ୍ରସ୍ତାବ ପାରିତ ହୋଇଛି । ଏହି ପ୍ରସ୍ତାବରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ସୁପାରିସ ହୋଇଥିବା 'ଏକ ରାଷ୍ଟ୍ର,ଏକ ନିର୍ବାଚନ' ପ୍ରସ୍ତାବକୁ ମଞ୍ଜୁରୀ ଦେବା ନିଷ୍ପତ୍ତିକୁ ଫେରାଇବା ନେବା ପାଇଁ ଅପିଲ୍ କରାଯାଇଛି । ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନଙ୍କ ତରଫରୁ ରାଜ୍ୟର ସଂସଦୀୟ ବ୍ୟାପାର ମନ୍ତ୍ରୀ ଏମଭି ରାଜେଶ ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବିଧାନସଭାରେ ମନ୍ତ୍ରୀ କହିଥିଲେ ଯେ ଏହି ପ୍ରସ୍ତାବ ଦେଶର ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିବ ଏବଂ ଭାରତର ସଂସଦୀୟ ଲୋକତନ୍ତ୍ରକୁ କ୍ଷତି ପହଞ୍ଚାଇବ । ମନ୍ତ୍ରୀ ଏମଭି ରାଜେଶ କହିଛନ୍ତି, 'ଏହି ପଦକ୍ଷେପ ଅସାମ୍ବିଧାନିକ ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ବିରୋଧ କରୁଛି । ଏହା ଆରଏସ୍ଏସ୍ ଏବଂ ବିଜେପିର ଏଜେଣ୍ଡାକୁ ଲାଗୁ କରିବା ପାଇଁ ପ୍ରୟାସ ହେଉଛି ।' ୟୁଡିଏଫ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବରେ କିଛି ସଂଶୋଧନକୁ ମନ୍ତ୍ରୀ ସ୍ୱୀକାର କରିଛନ୍ତି। ରାଜ୍ୟର ସଂସଦୀୟ ବ୍ୟାପାର ମନ୍ତ୍ରୀ ରାଜେଶ କହିଛନ୍ତି ଯେ ଏହି ନିଷ୍ପତ୍ତି ଜନାଦେଶର ଉଲ୍ଲଂଘନ, ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଚ୍ୟାଲେଞ୍ଜ ଦେଉଛି ଏବଂ ନିର୍ବାଚନ କରାଇବା ମାମଲାରେ ରାଜ୍ୟର ଶକ୍ତି ହନନ ହେଉଛି ।

### ଲାଓ ପିଡିଆରରେ ୨୧ତମ ଆସିଆନ-ଭାରତ ଶିଖର ସମ୍ମିଳନୀ

# ଆସିଆନ୍ ଭାରତର ଅନ୍ୟତମ ବୃହତ୍ତମ ବାଣିଜ୍ୟ ଓ ନିବେଶ ସହଯୋଗୀ: ମୋଦି

ନୂଆଦିଲ୍ଲୀ,୧୦।୧୦(ପିଆଇବି): ୨୧ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ୧୦ ଅକ୍ଟୋବର ୨୦୨୪ରେ ଲାଓ ପିଡିଆରର ଭିଏଣ୍ଟିଆନେଠାରେ ଅନୁଷ୍ଠିତ ହୋଇଛି । ଭାରତର ଆକ୍ଟ ଇଷ୍ଟ ନୀତିର ଏକ ଦଶନ୍ଧି ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଆନ୍ ନେତାଙ୍କ ସହ ମିଶି ଆସିଆନ୍-ଭାରତ ବ୍ୟାପକ ରଣନୈତିକ ଭାଗିଦାରୀର ଅଗ୍ରଗତି ସମୀକ୍ଷା କରିବା ସହ ସହଯୋଗର ଭବିଷ୍ୟତ ଦିଗ ନିର୍ଦ୍ଧାରଣ କରିଥିଲେ । ଏହି ଶିଖର ସମ୍ମିଳନୀରେ ଏହା ପ୍ରଧାନମନ୍ତ୍ରୀଙ୍କ ୧୧ତମ ଅଂଶଗ୍ରହଣ ଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଆସିଆନ ଏକତା, ଆସିଆନ୍ କେନ୍ଦ୍ରୀୟତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆସିଆନ୍ ଦୃଷ୍ଟିକୋଣ ପ୍ରତି ଭାରତର ସମର୍ଥନକୁ ଦୋହରାଇଥିଲେ । ଏକବିଂଶ ଶତାବ୍ଦୀକୁ ଏସୀୟ ଶତାବ୍ଦୀ ବୋଲି ଅଭିହିତ କରି ସେ ଉଲ୍ଲେଖ କରିଥିଲେ ଯେ



ଏସିଆର ଭବିଷ୍ୟତକୁ ମାର୍ଗଦର୍ଶନ କରିବା ପାଇଁ ଭାରତ-ଆସିଆନ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ । ଭାରତର ଆକ୍ଟ ଇଷ୍ଟ ନୀତିର ଜୀବନ୍ତତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଗତ ଦଶ ବର୍ଷ ମଧ୍ୟରେ ଭାରତ-ଆସିଆନ ବାଣିଜ୍ୟ ଦ୍ୱିଗୁଣିତ ହୋଇ ୧୩୦ ବିଲିୟନ ଡଲାରରୁ ଅଧିକ ହୋଇଛି। ଆସିଆନ୍ ଆଜି ଭାରତର ଅନ୍ୟତମ ବୃହତ୍ତମ ବାଣିଜ୍ୟ ଓ ନିବେଶ ସହଯୋଗୀ। ସାତଟି ଆସିଆନ୍ ଦେଶ ସହ ସିଧାସଳଖ ବିମାନ ଯୋଗାଯୋଗ ସ୍ଥାପନ; ଏହି ଅଞ୍ଚଳ ସହିତ ଫିନ୍-ଟେକ୍ ସହଯୋଗରେ ଆଶାଜନକ ଆରମ୍ଭ ଏବଂ ପାଞ୍ଚଟି ଆସିଆନ ଦେଶରେ ଅଂଶୀଦାର ସାଂସ୍କୃତିକ ଐତିହ୍ୟ ପୁନରୁଦ୍ଧାର ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଆସିଆନ୍-ଭାରତ ସମୁଦାୟର ହିତ ପାଇଁ ଅଧିକ ଅର୍ଥନୈତିକ ସମ୍ଭାବନାର ଉପଯୋଗ ଦିଗରେ ଆସିଆନ୍-ଭାରତ ଏଫଟିଏ (ଏଆଇଟିଆଇଜିଏ)ର ସମୀକ୍ଷା କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆସିଆନ ଯୁବକମାନଙ୍କୁ ପ୍ରଦାନ କରାଯାଉଥିବା ବୃତ୍ତି ମାଧ୍ୟମରେ ଭାରତ-ଆସିଆନ୍ ଜ୍ଞାନ ଭାଗିଦାରୀର ଅଗ୍ରଗତି ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ କହିଥିଲେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୁଆଙ୍ଗ୍ ପ୍ରବାଙ୍ଗର ପ୍ରତିଷ୍ଠିତ ରୟାଲ ଥିଏଟର୍ ଦ୍ୱାରା ପରିବେଷଣ କରାଯାଇଥିବା ଲାଓ ରାମାୟଣର ଏକ ଏପିସୋଡ ଦେଖିଛନ୍ତି - ଯାହାକୁ ଫଲକ ଫାଲମ କିମ୍ବା ଫ୍ରା ଲାକ ଫ୍ରା ରାମ କୁହାଯାଇଥାଏ । ଲାଓସରେ ଆଜି ମଧ୍ୟ ରାମାୟଣ ପ୍ରତି ଲୋକମାନଙ୍କ ମଧ୍ୟରେ ଉତ୍ସାହ ରହିଛି । ଏହି ମହାକାବ୍ୟ ଦୁଇ ଦେଶ ମଧ୍ୟରେ ଭାଗିଦାରୀ ଐତିହ୍ୟ ଏବଂ ପୁରୁଣା ସଭ୍ୟତା ସଂଯୋଗକୁ ପ୍ରତିଫଳିତ କରିଛି । ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଅନେକ ଦିଗ ଲାଓସରେ ଶତାବ୍ଦୀ ଧରି ଅନୁପ୍ରୟୋଗ ଏବଂ ସଂରକ୍ଷିତ କରାଯାଇ ଆସୁଛି । ଦୁଇ ଦେଶ ସେମାନଙ୍କର ଭାଗିଦାରୀ ଐତିହ୍ୟକୁ ଅଧିକ ଆଲୋକିତ କରିବା ପାଇଁ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛନ୍ତି ।

## ୨ ହଜାର କୋଟିର କୋକେନ ଜବତ

ନୂଆଦିଲ୍ଲୀ,୧୦।୧୦: ଧଳା ଜହର ନିଶାରେ ରାଜଧାନୀ ଦିଲ୍ଲୀ। ଜୋରସୋର୍ ଚାଲିଛି ଚଢ଼ାଉ। ଜବତ ହେଉଛି କୋଟି କୋଟି ଟଙ୍କାର ବ୍ରାଉନସୁଗାର। ନିକଟରେ ୫ ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଥିବା ବେଳେ ୨ ହଜାର କୋଟି ଟଙ୍କାର ୨୦୦ କେଜି କୋକିନ ଜବତ କରିଛି ଦିଲ୍ଲୀ ପୁଲିସ। ରମେଶ ନଗର ଏରିଆର ଥିବା ଏକ ଓୟାର ହାଉସରୁ ଏହି କୋକିନ ଜବତ କରାଯାଇଛି ବୋଲି ଦିଲ୍ଲୀ ପୁଲିସ କହିଛି। କୋକିନ ନିଆଯାଉଥିବା କାରରେ ଜିପିଏସ୍ ଲାଗିଥିବାରୁ ଏହାକୁ ଟ୍ରାକ୍ କରି ଦିଲ୍ଲୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରଗ୍ସ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, କାରରେ କୋକିନ ଆଣିଥିବା ବ୍ୟକ୍ତି ଲଣ୍ଡନ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ଅକ୍ଟୋବର ୨ ତାରିଖରେ ଦକ୍ଷିଣ ଦିଲ୍ଲୀର ମହିପାଲପୁରର ଏକ ଗୋଦାମରୁ ୫୬୦ କେଜିରୁ ଅଧିକ କୋକେନ ଏବଂ ୪୦ କିଲୋଗ୍ରାମ ହାଇଡ୍ରୋପୋନିକ ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ମୂଲ୍ୟ ୫,୬୨୯ କୋଟି ଟଙ୍କା ଆକଳନ କରାଯାଇଥିଲା। ସମାନ ଗ୍ୟାଙ୍ଗ ସଦ୍ୟ ଜବତ କୋକିନ ମାମଲାରେ ସାମିଲ ଥିବା କୁହାଯାଉଛି। ମହିପାଲପୁର ଘଟଣାରେ ତୁଷାର ଗୋୟଲ (୪୦), ହିମାଂଶୁ କୁମାର (୨୭) ଏବଂ ଔରଙ୍ଗଜେବ ସିଦ୍ଦିକି (୨୩) ଏବଂ ଭାରତ କୁମାର ଜେନା (୪୮) ନାମକ ଚାରି ଜଣଙ୍କୁ ଘଟଣାସ୍ଥଳରେ ଗିରଫ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅମୃତସର ଏବଂ ଚେନ୍ନାଇରୁ ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇଥିଲା।

## ରତନ ଟାଟାଙ୍କ ଶେଷ ଦର୍ଶନ କଲା ପୋଷାକୁକୁର

ନୂଆଦିଲ୍ଲୀ,୧୦।୧୦: ଦେଶର ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତବୁଧବାର ରାତିରେ ମୃତ୍ୟୁ ହୋଇଯାଇଛି। ରତନ ଟାଟାଙ୍କ ପରଲୋକ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ଆଜି ତାଙ୍କ ଅନ୍ତିମ ସଂସ୍କାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି । ଏହାପୂର୍ବରୁ ତାଙ୍କ ପାର୍ଥିବ ଶରୀରକୁ ନ୍ୟାସନାଲ ସେଣ୍ଟର ଫର ଦ ପରଫାର୍ମିଙ୍ଗ ଆର୍ଟସ(ଏନସିପିଏ)ରେ ଶେଷ ଦର୍ଶନ ପାଇଁ ରଖଯାଇଛି । ରତନ ଟାଟା ପାର୍ସୀ ସଂପ୍ରଦାୟର ହୋଇଥିବା ବେଳେ ତାଙ୍କର ଅନ୍ତିମ ସଂସ୍କାର ହିନ୍ଦୁ ପରମ୍ପରା ଅନୁସାରେ ହୋଇଛି । ୪୫ ମିନିଟ ପାଇଁ ପ୍ରାର୍ଥନା କରାଯାଇଛି। ଏହାପରେ ଅନ୍ତିମ ସଂସ୍କାର ପ୍ରକ୍ରିୟା ସମାପ୍ତ ହୋଇଥିଲା। ଏଭଳି ଦୁଃଖ ସମୟରେ ନ୍ୟାସନାଲ ସେଣ୍ଟର ଫର ଦ



ପରଫାର୍ମିଙ୍ଗ ଆର୍ଟସ(ଏନସିପିଏ)ରୁ ଏକ ଭାବବିହ୍ୱୋଳ ଦୃଶ୍ୟ ସାମ୍ନାକୁ ଆସିଛି। ପୋଷା କୁକୁର ଗୋଆ ରତନ ଟାଟାଙ୍କୁ ଶେଷ ଥର ଦେଖିବା ପାଇଁ ଏନସିପିଏରେ ପହଞ୍ଚିଛି। ଏହି ଦୃଶ୍ୟକୁ ଦେଖି ଘଟଣାସ୍ଥଳରେ ଥିବା ସମସ୍ତଙ୍କ ଆଖିରେ ଲୁହ ଭରି ଯାଇଛି। ଗୋଆକୁ ପ୍ରାୟତଃ ରତନ ଟାଟା ଅଫିସ ସାଥୀ ଭାବେ ଡାକୁଥିବା ଶୁଣିବାକୁ ମିଳିଥାଏ। ଗୋଆକୁ ପାଳୁଥିବା ବ୍ୟକ୍ତିଙ୍କ କହିବାନୁସାରେ, ଗୋଆକୁ ୧୧ବର୍ଷ ପୂର୍ବେ ରତନ ଟାଟା ଘରକୁ ଆଣିଥିଲେ। ଏକଦା ରତନ ଟାଟା ଜି ଗୋଆ ଯାଇଥିଲେ। ସେଠାରେ ଏକ ବାରବୁଲା କୁକୁର ତାଙ୍କ ପଛେପଛେ ଆସିଥିଲା। ଏହା ଦେଖି ସେ ଉକ୍ତ ବାରବୁଲା କୁକୁରକୁ ଧରି ମୁମ୍ବାଇ ନେଇ ଆସି ନିଜ ସାଥୀରେ ରଖିଥିଲେ। କୁକୁରର ନାମ କରଣ ସେଥିପାଇଁ ଗୋଆ ରଖାଯାଇଛି। କାରଣ ସାର ତାକୁ ଗୋଆରୁ ପାଇକି ଆଣିଥିଲେ।'

## ୩ କୋଟି ବୀମା ଧାରକଙ୍କ ତଥ୍ୟ ଚୋରି

ନୂଆଦିଲ୍ଲୀ,୧୦।୧୦: ଷ୍ଟାର ହେଲଥ ବୀମା କମ୍ପାନୀର ୩ କୋଟି ୨୦ ଲକ୍ଷ ଗ୍ରାହକଙ୍କ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଯାଇଛି। ଜଣେ ହ୍ୟାକର ଏହି ତଥ୍ୟ ଚୋରି କରିନେଇଥିବା ଦାବି କରିଛି। ସାମାଜିକ ଗଣମାଧ୍ୟମ ଟେଲିଗ୍ରାମରେ ଗ୍ରାହକଙ୍କ ତଥ୍ୟ ଲିକ୍ କରାଯାଇଥିବା ହ୍ୟାକର ଜଣକ ସୂଚନା ଦେଇଛି। ଏହି ତଥ୍ୟ ସଂଗ୍ରହ କରିବା ପରେ ପ୍ରାୟ ୫୭ ଲକ୍ଷ ଟଙ୍କାରେ ସେସବୁକୁ ବିକ୍ରି କରିବା ପାଇଁ ହ୍ୟାକର ଜଣକ ସାମାଜିକ ଗଣମାଧ୍ୟମରେ ତାହାକୁ ପ୍ରଘଟ କରାଇଛି। କମ୍ପାନୀ ପକ୍ଷରୁ ମଧ୍ୟ ଏହାକୁ ସ୍ୱୀକାର କରାଯାଇଛି। କମ୍ପାନୀ ସର୍ଭର ଉପରେ ସାଇବର ଆକ୍ରମଣ ହୋଇଥିବା କୁହାଯାଇଛି। ଏହାର ତଦନ୍ତ କରାଯାଉଛି। ଘରଭତରଭ ନାମରେ ହ୍ୟାକର ଜଣକ ଏସବୁ ସମ୍ବେଦନଶୀଳ ତଥ୍ୟକୁ ଲିକ୍ କରିବା ନେଇ ସ୍ପଷ୍ଟ କରିଥିବାବେଳେ କମ୍ପାନୀ ପକ୍ଷରୁ ତୁରନ୍ତ ଏହାର ସମାଧାନ କରାଯିବ ବୋଲି କୁହାଯାଇଛି।

### ସ୍ଥଳଭାଗ ଛୁଇଁ ତାଣ୍ଡବ ରଚିଲା 'ମିଲଟନ'

# ଅନ୍ଧାରରେ ୩୦ଲକ୍ଷ ଲୋକ: ଗଲାଣି ୪ ଜୀବନ



ୱାଶିଂଟନ,୧୦।୧୦: ଆମେରିକାର ପଶ୍ଚିମ ଉପକୂଳରେ ସ୍ଥଳ ଭାଗ ଛୁଇଁ ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ ମିଲଟନ। ଏଥିଯୋଗୁ ବଡ଼ଧରଣର ବିଦ୍ୟୁତ ବିଭ୍ରାଟ ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ମିଲଟନ ତାଣ୍ଡବ ଯୋଗୁ ୪ ଜଣଙ୍କ ଜୀବନ ଯାଇଛି। ଟାମ୍ପା ବେ ମେଟ୍ରୋପଲିଟାଣ୍ଟ ଅଞ୍ଚଳରେ ଯଦିଓ ବନ୍ୟା ହୋଇ ନାହିଁ। ତଥାପି ସେଠାରେ ୩୦ ଲକ୍ଷରୁ ଅଧିକ ଲୋକ ବିଦ୍ୟୁତ କାଟ ଯୋଗୁ ଅନ୍ଧାରରେ ରହିଛନ୍ତି। କ୍ୟାଟାଗୋରୀ-୩ ସ୍ତରର ବାତ୍ୟା ସେଣ୍ଟ ଲୁସ କାଉଣ୍ଟୀରେ ୪ ଜଣଙ୍କ ଜୀବନ ନେଇଛି। ସେହିପରି ଅନେକ ଘରକୁ ଭାଙ୍ଗି ଦେଇଛି ମିଲଟନ। ବୁଧବାର ରାତିରେ ବାତ୍ୟା ମିଲଟନ ଫ୍ଲୋରିଡାକୁ ହିଟ କରିଥିଲା। ଏଥିଯୋଗୁ ଉପକୂଳ ଅଞ୍ଚଳରେ ଘଣ୍ଟାପ୍ରତି ୨୦୫ କିମି ବେଗରେ ପବନ ବହିଥିଲା। ପୂର୍ବରୁ ଫ୍ଲୋରିଡାରେ ମିଲଟନ କ୍ୟାଟାଗୋରୀ ୫ ସ୍ତରର ରୂପ ନେଇ ହିଟ କରିବ ବୋଲି କୁହାଯାଉଥିଲା। କିନ୍ତୁ ସ୍ଥିତି ସେତେ ଭୟଙ୍କର ହୋଇନାହିଁ। ମିଲଟନ ଗଲ୍ଫ ଅଫ ମେକ୍ସିକୋ ଦେଇ ଚାଲି ଯାଇଛି। ସିଏନଏନ ରିପୋର୍ଟ ଅନୁସାରେ, ବାତ୍ୟା ମିଲଟନ ସେଣ୍ଟ ଲୁସ କାଉଣ୍ଟରୀରେ ଥିବା ଗୋଟିଲ ଅବସରକାଳୀନ କମ୍ୟୁନିଟୀ ଘରକୁ ଛିନଛତ୍ର କରି ଦେଇଥିଲା। ଏଥିଯୋଗୁ ସେଠାରେ ଥିବା ୪ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳ ସୁଦ୍ଧା ବାତ୍ୟା ଫ୍ଲୋରିଡା ଆଣ୍ଟଲାଟିକ ଉପକୂଳରୁ ଦୂରକୁ ଚାଲି ଯାଇଛି। ଏହାଦ୍ୱାରା ଉପକୂଳର ପୂର୍ବ ପାଦଦେଶରେ ରହୁଥିବା ଲୋକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଫ୍ଲୋରିଡା ଗଭର୍ଣ୍ଣର କହିଛନ୍ତି ଯେ ଟାମ୍ପା ବେରେ ବ୍ୟାପକ କ୍ଷୟକ୍ଷତି ହୋଇନାହିଁ। ବିପଦ ଘେରରେ ୩୦ ଲକ୍ଷ ଲୋକ ରହିଥିଲେ। କିନ୍ତୁ ସହରରେ ବେଶୀ କ୍ଷତି ହୋଇନାହିଁ। ତଥାପି ୩୦ ଲକ୍ଷ ଲୋକ ପାୱର କଟ ଯୋଗୁ ଅନ୍ଧାରରେ ରହିଛନ୍ତି। ସରକାରୀ ସୂଚନା ଅନୁଯାୟୀ, ବାତ୍ୟା ମିଲଟନ ଅନେକ କାଉଣ୍ଟୀରେ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇଛି। ୧୨୫ଟି ଘର ଭାଙ୍ଗି ଯାଇଛି। ୩୦ ଲକ୍ଷରୁ ଅଧିକ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ବିଜୁଳି ସେବା ବନ୍ଦ ହୋଇଯାଇଛି। ସେହିପରି ବିମାନ ସେବା ଗଭୀର ଭାବେ ପ୍ରଭାବିତ ହୋଇଛି। ୨ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଛି ।












## ଟଙ୍କା ନେଣଦେଣକୁ ନେଇ ଯୁବକଙ୍କୁ ଛୁରାମାଡ

ପୁରୀ(ନିପ୍ର): ପାର୍ବଣରେ ପୁଣି ଅଶାନ୍ତ ହୋଇପଡିଛି ପୁରୀ ସହର। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ କରାଯାଇଛି। ବଳଗଣ୍ଡି ଛକ ନିକଟ ରାୟବାହାଦୁର ଲେନ୍‌ରେ ଘଟିଛି ଏଭଳି ଘଟଣା। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ରାୟବାହାଦୁର ଲେନ୍‌ର ରାକେଶ ମହାପାତ୍ର। ଛୁରାମାଡରେ ରାକେଶଙ୍କ ପେଟରେ ଗଭୀର ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପୁରୀ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ପୋଲିସ, ସିଟି ଡିଏସପି ଏବଂ ଅତିରିକ୍ତ ଏସପି ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ଛୁରାମାଡ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ତେବେ ଟଙ୍କା ନେଣଦେଣକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତଦନ୍ତ ପରେ ଆକ୍ରମଣର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି ଅତିରିକ୍ତ ଏସପି। ସେପଟେ ଦୁର୍ଗାପାଜା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ଥିବାବେଳେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

## ବାଇକ୍ ଉପରେ ମାଡିଗଲା ତେଲ ଟ୍ୟାଙ୍କର: ଦୁଇ ମୃତ

ଡେରାବିଶ/କେନ୍ଦ୍ରାପଡା(ନିପ୍ର): ଡେରାବିଶ ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ଅଳାବାଙ୍କ ଛକ ନିକଟରେ ଗୁରୁବାର ସକାଳେ ସଡକ ଦୁର୍ଘଟଣା ଘଟି ୨ଜଣ ଯୁବକ ମୃତ୍ୟୁବରଣ କରିଛନ୍ତି । ୨ଯୁବକ ଶ୍ୱଶୁରଘରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି । ଗୁରୁବାର ସକାଳେ ଜଗତସିଂହପୁର କୁଜଙ୍ଗ ବ୍ଲକ ଅଗରପାଳ ଗ୍ରାମର ଭବାନି ପ୍ରସାଦ ମହାପାତ୍ର(୩୯) ଓ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ବିଜୟନଗର ଗ୍ରାମର ଅଜୟ କୁମାର ଦାସ(୪୦) ତାଙ୍କ ଶ୍ୱଶୁରଘର ହରିଭକ୍ତପୁରରୁ ବାଇକ୍‌ରେ ଫେରୁଥିବାବେଳେ ଅଳାବାଙ୍କ ଛକ ନିକଟରେ ପଛପଟୁ ଏକ ତେଲ ଟ୍ୟାଙ୍କର ମାଡିଯାଇଥିଲା ଫଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ ଶ୍ୱଶୁରଘର ହରିଭକ୍ତପୁରରେ। ବୁଧବାର ରାତିରେ ଶଶୁର ଘରେ ଏକୋଶିଆ ପୂଜା ସାରି ଜଗତସିଂହପୁର ଫେରୁଥିବାବେଳେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ଏହି ଘଟଣା ପରେ ଦୁର୍ଘଟଣା ସ୍ଥଳ ଲୋକାରଣ୍ୟ ହୋଇପଡିଥିବାବେଳେ ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଖବରପାଇ ଡେରାବିଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଲୋକଙ୍କୁ ବୁଝାସୁଝା ପରେ ଗାଡି ଚଳାଚଳ ସ୍ୱାଭାବିକ୍ ହୋଇଥିଲା। ମୃତ ଭବାନି ପ୍ରସାଦଙ୍କ ପତ୍ନୀ ମୋନାଲିସା ଓ ମୃତ ଅଜୟଙ୍କ ପତ୍ନୀ ମାନିନୀ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିବାପରେ ଥାନାରେ ଏକ ମାମଲା ରୁଜୁ ହୋଇ ଅଧିକ ଅନୁସନ୍ଧାନ ଜାରି ରହିଛି । ତେଲ ଟ୍ୟାଙ୍କରର ଚାଳକ ଅନୁଗୁଳ ଜିଲ୍ଲା ଜରପଡା ଥାନା ମରାଡିରା ଗ୍ରାମର ସୁବଳ ସ୍ୱାଇଁ(୪୫)କୁ ପୋଲିସ ଗିରଫ କରିଥିବାବେଳେ ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ ତେଲ ଟ୍ୟାଙ୍କରକୁ ପୋଲିସ ଜବତ୍ କରିଛି।

## ଭିଜିଲାନ୍ସ ଜାଲରେ ଏସସିବି ଡାଟାଏଣ୍ଟ୍ରି ଅପରେଟର

କଟକ: ଭିଜିଲାନ୍ସ ଜାଲରେ ଏସସିବି ମେଡ଼ିକାଲର ଡାଟା ଏଣ୍ଟ୍ରି ଅପରେଟର । ଡାଟା ଏଣ୍ଟ୍ରି ଅପରେଟର ସ୍ମୃତି ରଞ୍ଜନ ସାହୁ ଜଣେ ରୋଗୀଙ୍କ ସଂପର୍କୀୟଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି । ମାଗଣା ମେଡ଼ିସିନ ପାଇଁ ସେ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିଲା। ଖବର ମୁତାବକ, ସ୍ମୃତି ରଞ୍ଜନ ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲର ହେପାଟୋଲୋଜି ବିଭାଗରେ ଡାଟା ଏଣ୍ଟ୍ରି ଅପରେଟର (ଡ଼ିଇଓ) ଭାବରେ କାର୍ଯ୍ୟ କରୁଥିଲେ। ନିର୍ଦ୍ଦିଷ୍ଟ ଔଷଧ (ହେପାଟାଇଟିସ ସି)ପ୍ରଦାନ ପାଇଁ ଏସସିବିରେ ଚିକିତ୍ସିତ ହେଉଥିବା ଜଣେ ଗରୀବ ରୋଗୀଙ୍କ ପୁଅଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହି ଔଷଧଗୁଡ଼ିକ ସରକାର ବିନା ମୂଲ୍ୟରେ ବଣ୍ଟନ କରନ୍ତି । କିନ୍ତୁ ଶ୍ରୀ ସାହୁ ଲାଞ୍ଚ ମାଗିଥିଲେ ଏବଂ ଯଦି ତାଙ୍କର ଦାବି ପୂରଣ ନହୁଏ ତେବେ ତାହା ପ୍ରଦାନ କରିବାକୁ ସେ ମନା କରିଦେଇଥିଲେ । ଅନ୍ୟ କୌଣସି ଉପାୟ ନପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ଡାଟା ଏଣ୍ଟ୍ରି ଅପରେଟର ସ୍ମୃତି ରଞ୍ଜନ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲା । ଏ ନେଇ କଟକ ଭିଜିଲାନ୍ସ ପକ୍ଷରୁ ୩୦/୨୪ରେ ଏକ ମାମଲା ରୁଜୁ ହୋଇଛି। ସ୍ମୃତି ରଞ୍ଜନଙ୍କର ୨ଟି ବାସସ୍ଥାନରେ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି। ଏହା ବ୍ୟତୀତ ଅଧିକ ତଦନ୍ତ ଚାଲିଥିବା ନେଇ ଭିଜିଲାନ୍ସ ମୁଖ୍ୟାଳୟରୁ ପ୍ରକାଶ।

## କୋରଡେଟ୍‌ର ୪୭ତମ ପ୍ରତିଷ୍ଠା ଦିବସ ଓ ଦିନିକିଆ କୃଷକ ସମାବେଶ

ପାରାଦୀପ(ନିପ୍ର): ଇଫକୋ ଦ୍ୱାରା ପରିଚାଳିତ କୋରଡେଟ୍ ପାରାଦୀପ ସଂସ୍ଥାର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ଦିନିକିଆ କୃଷକ ସମାବେଶ ଗୁରୁବାର ଆୟୋଜିତ ହୋଇଥିଲା । ଏହି ସମାବେଶରେ ବ୍ଲକ୍ ଅଗ୍ନି ଅଧିକାରୀ ପ୍ରଦୋଶ ବେହେରା ଯୋଗ ଦେଇ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପିର ବ୍ୟବହାର ଦ୍ୱାରା କୃଷକମାନେ ଅଧିକ ଫସଲ ଅମଳ କରିପାରୁଥିବା ନେଇ ମତବ୍ୟକ୍ତ କରିଥିଲେ । ଏହାକୁ ବ୍ୟବହାର କଲେ ପରିବେଶ ପ୍ରଦୂଷଣମୁକ୍ତ ରୁହେ ବୋଲି ସେ ମତବ୍ୟକ୍ତ କରିଥିଲେ । ସମାବେଶରେ ପୌରୋହିତ୍ୟ କରିଥିଲେ କୋରଡେଟ୍‌ର ଅଧ୍ୟକ୍ଷ କୁଳମଣି ମାଝି । ଡ୍ରୋନ୍ ମାଧ୍ୟମରେ ନାନୋ ଡିଏପି ଓ ନାନୋ ୟୁରିଆ ସିଞ୍ଚନ ପ୍ରଣାଳି ସମ୍ପର୍କରେ ଶ୍ରୀ ମାଝି ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ତେରଗାଁଠାରେ ଅନୁଷ୍ଠିତ ଏହି ସମାବେଶରେ ଗ୍ରାମ୍ୟ ସଂଯୋଜକ ଅରକ୍ଷିତ ସାହୁ, ଅରୋ ଦେ ବାୟୋ ଫର୍ଟିଲାଇଜର ବ୍ୟବହାରକୁ ଗୁରୁତ୍ୱ ଦେଇଥିଲେ । ଶତାଧିକ କୃଷକ ସମାବବେଶରେ ଯୋଗ ଦେଇ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପିର ବ୍ୟବହାର ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ ।



କଟକ(ନିପ୍ର): କଟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପ୍ରାତଃ ସମୟରେ ଆଠଗଡ଼ ପୋଲିସ ଏହି ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମରେ ମଦ ମାଫିଆଙ୍କ ଉପରେ ବଡ଼ ଧରଣର ଚଢ଼ାଉ

### ମଦ ମାଫିଆଙ୍କ ଉପରେ ବଡ଼ ଧରଣର ଚଢ଼ାଉ

## ୧୦୦ଲିଟର ଦେଶୀମଦ ଓ ୧୪୩୫ ଲିଟର ମହୁଲ ପୋଚ ଜବତ

କରିଛି । ଚଢ଼ାଉ ସମୟରେ ମଦ ପ୍ରସ୍ତୁତି ସାମଗ୍ରୀ ସହିତ ପ୍ରାୟ ୧୦୦ଲିଟର ଦେଶୀମଦ, ୪୧ଟି ପ୍ଲାଷ୍ଟିକ ଜାରକିନରେ ମହଜୁଦ ଥିବା ୧୪୩୫ ଲିଟର ମହୁଲ ପୋଚ, ୭ଟି ବଡ଼ ଆଲୁମୁନିଅମ ଡେକିଚି ଓ ଗୋଟିଏ ସାଇକେଲ ଜବତ କରାଯାଇଛି । ପୋଲିସକୁ ଦେଖି ବେଆଇନ ମଦ ପ୍ରସ୍ତୁତକାରୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଜବତ ପୋଚକୁ ପୋଲିସ ପକ୍ଷରୁ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏହି ଚଢ଼ାଉରେ କଟକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଦତ୍ତ ବରାଳ, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରବିନ୍ଦ୍ର ମଲ୍ଲିକ, ଆଠଗଡ଼ ଥାନା ଭାରାପ୍ରାପ୍ତ ଅଧିକାରୀ ଅନିରୁଦ୍ଧ ମୁଦୁଲି, ଏସଆଇ ଦିଲ୍ଲୀପ ବେହେରା, ଏସଆଇ ଜନ୍ମିତା ସାସମଲ, ଏଏସଆଇ ସତ୍ୟପ୍ରିୟ ବରାଳଙ୍କ ସହିତ ପୋଲିସ ଫୋର୍ସ ସାମିଲ ଥିଲେ । ଏ ସମ୍ବନ୍ଧରେ ଆଠଗଡ଼ ଥାନାରେ ଅବକାରୀ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି । ଏଥି ସହିତ ଏକା ସମୟରେ ଖୁଣ୍ଟୁଣୀ ଥାନା ଅର୍ନ୍ତଗତ ଡାଲୁଆ ଜଙ୍ଗଲରେ ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ଖୁଣ୍ଟୁଣିଥାନା ଭାରାପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ ଜାରି ରହି ବିପୁଳ ପରିମାଣରେ ମହଜୁଦ ଥିବା ପୋଚ ନଷ୍ଟ କରାଯାଇଛି । ଚଳିତ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ମଦ ମାଫିଆଙ୍କ ଉପରେ ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଖଟିରେ ପୋଲିସର ଚଢାଉ, ଜୋରିମାନା ଆଦାୟ

ଭୁବନେଶ୍ୱର(ନିପ୍ର): ଆସନ୍ତା ପାର୍ବଣ ଋତୁକୁ ଆଖି ଆଗରେ ରଖି ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ନିମନ୍ତେ ଡିସିପି ଶ୍ରୀ ପିନାକ ମିଶ୍ର, ଆଇପିଏସ ଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ସହରାଂଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଂଚଳରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧରେ ଧରପଗଡ ଅଭିଯାନ କଡ଼ାକଡ଼ି ଭାବେ କରାଯାଉଅଛି। ଭୁବନେଶ୍ୱର ସହରାଂଚଳ ପୁଲିସ ଜିଲ୍ଲାରେ ଥିବା ପ୍ରତ୍ୟେକ ଥାନାର ବଛାବଛା ଅଫିସର, କର୍ମଚାରୀ, ପିଓପିଡି ଓ ଟୀମ-୬୦ର ମିଳିତ ପ୍ରୟାସରେ ତଥା ସଂପୃକ୍ତ ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧରପଗଡ ଅଭିଯାନ ପରିଚାଳିତ ହେଉଥିବା ବେଳେ, ବିଭିନ୍ନ ଥାନା ପରିସର ଅଂଚଳରେ ଥିବା ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ବିଭିନ୍ନ ଖଟି/ଆଡା ତଥା ଯାନବାହାନ ଯାଂଚ କରାଯିବା ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ଧରପଗଡ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଜୋରିମନା ମଧ୍ୟ ଆଦାୟ କରାଯାଉଅଛି । ଏହି କ୍ରମରେ ଆଜି ସନ୍ଧ୍ୟାରେ କ୍ୟାପିଟାଲ ଥାନା, ଖାରବେଳ ନଗର ଥାନା, ଖଣ୍ଡଗିରି ଥାନା, ଭରତପୁର ଥାନା, ଲକ୍ଷ୍ମୀସାଗର ଥାନା, ମଞ୍ଚେଶ୍ୱ ର୍ଥାନା, ସହିଦନଗର ଥାନା, ବଡ଼ଗଡ଼ ଥାନା, ମୈତ୍ରୀବିହାର ଥାନା, ନୟାପଲ୍ଲୀ ଥାନା, ଚନ୍ଦ୍ରଶେଖରପୁର ଥାନା, ନନ୍ଦନକାନନ ଥାନା ଓ ଇନ୍ଫୋସିଟି ଥାନା ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଭାବେ ଧରପଗଡ କରାଯାଇଅଛି। ଏହି ଧରପଗଡ ଅଭିଯାନ ସମୟରେ ୬୧ ଜଣଙ୍କୁ ନିୟମ ଖିଲାଫ କାରୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖାଯାଇଥିବା ବେଳେ, ଓଡିଶା ସହରାଂଚଳ ପୁଲିସ ଆଇନ୍ ଅନୁଯାୟୀ ୩୦,୫୦୦ ଟଙ୍କା ଜୋରିମନା ଆକାରରେ ଆଦାୟ କରାଯାଇଥିଲା। ସେହିପରି ସହରରେ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଅପରାଧିକ କାର୍ଯ୍ୟକଳାପ ଉପରେ ଶୂନ୍ୟ ସହନଶୀଳତା ଯାହାକୁ ଆଧାର କରି ଭୁବନେଶ୍ୱର ଡିସିପିଙ୍କ ପିନାକ ମିଶ୍ର ନେତୃତରେ ଫ୍ଲାଗ ର୍ମାଚ କରାଯାଇଥିଲା। ଭୁବନେଶ୍ୱର ସହରାଂଚଳ ପୁଲିସ ତରଫରୁ ଏହିଭଳି ଧରପଗଡ ଅଭିଯାନ ଆଗକୁ ମଧ୍ୟ ନିୟମିତ ଭାବେ ଜାରିରହିବ । ଭୁବନେଶ୍ୱର ସହର ମଧ୍ୟରେ ଚୋରୀ, ଛିନତାଇ, ଲୁଟ୍, ଦାଦାବଟି ଆଦାୟ, ଅସାମାଜିକ ଆଡ୍ଡା, ଖଟି, ଖୋଲରେ ମଦ ପିଇବା, ବେଆଇନ ନିଶା କାରବାର ତଥା ଅପରାଧିକ କାର୍ଯ୍ୟ କଳାପ ବିଷୟରେ ସୂଚନା ପ୍ରଦାନ ନିମନ୍ତେ କମିଶରେଟ୍ ପୋଲିସ ତରଫରୁ ଏକ ହ୍ୱାଟ୍ସ ଆପ୍ ନମ୍ବର ୭୦୭୭୭୯୮୧୧୧ ଜାରି କରାଯାଇଛି। ସୂଚନା ପ୍ରଦାନକାରୀଙ୍କ ତଥ୍ୟ ଗୋପନ ରଖାଯିବ ବୋଲି ପୋଲିସ କହିଛି।

### ପୋଲିସ୍ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ

## ୧୨ଶହ ଲିଟର୍ ପୋଚ ଓ ୪୦ ଲିଟର ଦେଶୀମଦ ନଷ୍ଟ



ବେଲଗୁଣ୍ଠା(ନିପ୍ର): ବୁଗୁଡ଼ା ଅବକାରୀ ବିଭାଗ ଏବଂ ବେଲଗୁଣ୍ଠା ପୋଲିସ୍ ତରଫରୁ ଗୁରୁବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ନକଲି ଚୋରା ଦେଶୀମଦ ପ୍ରସ୍ତୁତ ପାଇଁ ଥିବା ବିପୁଳ ପରିମାଣର ସାମଗ୍ରୀକୁ ନଷ୍ଟ କରାଯାଇଛି । ସକାଳ ଆଠ ଘଣ୍ଟା ସମୟରେ ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ଅଭୟ ପ୍ରସାଦ ପ୍ରଧାନ ଓ ପୋଲିସ୍ ବାହିନୀ ଏବଂ ବୁଗୁଡ଼ା ଅବକାରୀ ଏସ୍‌ଆଇ ମୋଜୀ ଶବର, ଏଏସ୍‌ଆଇ ରାମେଶ୍ୱର ବେହେରା ତାଙ୍କ ଟିମ୍ ସହ ବେଲଗୁଣ୍ଠାର ଦୁଇଟି ସ୍ଥାନରେ ମିଳିତ ଚଢ଼ାଉ କରିଥିଲେ । ଉଭୟ ଟିମ୍ ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ହରିଜନ ସାହି ଏବଂ ଉଦ୍ଭୁରା ହରିଜନ ସାହିରେ ଚଢ଼ାଉ କରି ନିଛାଟିଆ ସ୍ଥାନଗୁଡିକରେ ଦେଶୀମଦ ତିଆରି ପାଇଁ ରଖାଯାଇଥିବା ବିଭିନ୍ନ ସାମଗ୍ରୀକୁ ବାଡ଼େଇ ଭାଙ୍ଗିବା ସହିତ ୧୨୦୦ ଲିଟର୍ ପୋଚ ଓ ୪୦ ଲିଟର ଦେଶୀ ମଦ ନଷ୍ଟ କରିଦେଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ଶ୍ରୀ ପ୍ରଧାନ ଜଣାଇଛନ୍ତି ।

## ଜମିଜମା ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ



ଗୋଲାମୁଣ୍ଡା(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଦିନକୁ ଦିନ ଗୋଟିଏ ପରେ ଗୋଟିଏ ଘଟଣା ଘଟୁଥିବା ବେଳେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛି । ସୂଚନା ଅନୁସାରେ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ମାନଝେର ପଞ୍ଚାୟତର କାନ୍ଦୁଲ ଡଙ୍ଗରି ଗାଁର ପୂର୍ଣ୍ଣ ପୂଝାରୀଙ୍କୁ ତାଙ୍କ ଦୁଇ ଭାଇ ଓ ତାଙ୍କ ପୁତୁରାମାନେ ଘର ଡିହକୁ କେନ୍ଦ୍ରକରି ଅତର୍କିତ ଭାବରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ପୂର୍ଣ୍ଣ ପୂଝାରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଧର୍ମଗଡ଼ ଡାକ୍ତରଖାନରେ ଚିକିତ୍ସା ନିମନ୍ତେ ନିଆ ଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଦେହର ଅନେକ ଜାଗାରେ କ୍ଷତବିକ୍ଷତ ହୋଇଛି । ପୂର୍ଣ୍ଣ ପୂଝାରୀଙ୍କ ପୈତୃକ ସମ୍ପତି ମାତ୍ର ୩ ଡିସମିଲ ରହିଛି। ଏହି ୩ ଡିସିମିଲ ଜାଗା ପୂର୍ଣ୍ଣ ପୂଝାରୀ ଓ ମଝିଆ ଭାଇ ଭାଉଜ ପୂଝାରୀଙ୍କ ନାମରେ ରହିଥିବା ବେଳେ ସାନ ଭାଇ ବିନୋଦ ପୂଝାରୀ ପୈତୃକ ସମ୍ପତିରୁ ପଟାରେ ମୋ ନାମ ରହି ନାହିଁ ବୋଲି ଗ୍ରାମବାସୀଙ୍କୁ ଡାକି ଏକ ବୈଠକ କରିଥିଲେ। ବୈଠକରେ ସାନ ଭାଇ ନାମରେ ମଧ୍ୟ ପୈତୃକ ସମ୍ପତି ଦିଆଯିବ ଓ ପଟାରେ ନାମ ରହିବ ବୋଲି ନିଷ୍ପତ୍ତି ନେଇଥିଲେ। ବୈଠକ ଶେଷ ହେବା ପରେ ଅଧା ରାସ୍ତାରେ ଧାରୁଆ ଅସ୍ତ୍ର ସାହାଯ୍ୟରେ ପୂର୍ଣ୍ଣ ପୂଝାରୀଙ୍କ ଉପରେ ଆକ୍ରମଣ କରିଥିଲେ । କୋଳାହଳ ଶୁଣି ଗ୍ରାମବାସୀ ଆସି ଗୁରୁତ୍ୱର ଅବସ୍ଥାରେ ପୂର୍ଣ୍ଣ ପୂଝାରୀଙ୍କୁ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ପୂର୍ଣ୍ଣଙ୍କ ପରିବାର ପକ୍ଷରୁ ଗୋଲାମୁଣ୍ଡା ଥାନାରେ ଏତଲା ଦିଆଯାଇଛି।

## ବାଲି ବୋଝେଇ ହାଇୱା ଜବତ

କାକଟପୁର(ନିପ୍ର): କାକଟପୁର ଥାନା ଅଧୀନସ୍ଥ ବଳରା ବ୍ରିଜ ଉପରୁ କାକଟପୁର ପୋଲିସ ଦ୍ୱାରା ବେଆଇନ ଲଘୁଖଣିଜ ଉତ୍ତୋଳନ ଆଧାରରେ ଏକ ବାଲି ବୋଝେଇ ହାଇୱା ଜବତ ହୋଇଛି । ନିମାପଡାରୁ ବାଲି ବୋଝେଇ କରି କାକଟପୁର ଅଭିମୁଖେ ଆସୁଥିବା ଖବର ପାଇ କାକଟପୁର ଥାନା ସବ-ଇନ୍ସପେକ୍ଟର ପ୍ରିୟଦର୍ଶିନୀ ବରାଳ ସଦଳବଳେ ଚଢ଼ାଉ କରି ବଳରା ବ୍ରିଜ ଉପରେ ଗାଡିଟିକୁ କାବୁକରି ଥାନାକୁ ଆଣିଥିଲେ। ଗାଡିର କାଗଜପତ୍ର ଯାଞ୍ଚ ସମୟରେ ଏହା ବେଆଇନ ବାଲି ଚାଲାଣ କରୁଥିବା ଜଣାପଡିଛି। ଡ୍ରାଇଭରକୁ ଅଟକ ରଖି ଅଧିକ ପଚରାଉଚରା କରିବାରେ ଜଣାପଡିଛି ଯେ ଗାଡ଼ିର ମାଲିକ ଖୋର୍ଦ୍ଧା ଧଳାପଥର ଅଞ୍ଚଳର ସଞ୍ଜୟ କୁମାର ବେହେରା। ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲୁ ରହିଛି ବୋଲି କାକଟପୁର ଥାନା ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ସୂଚନା ଥାଉକି ପ୍ରତିଦିନ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳକୁ ଶହ ଶହ ଟ୍ରିପ ବେଆଇନ ଲଘୁ ଖଣିଜ ଚାଲାଣ ହେଉଥିବା ବେଳେ ପୋଲିସ ଓ ସ୍ଥାନୀୟ ପ୍ରଶାସନର ନିରବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଫୋରକ୍ଲିପ ଧକ୍କାରେ ଯୁବକ ମୃତ

ପାରାଦୀପ(ନିପ୍ର): ଶ୍ରମିକ ଶୋଷଣ ଓ କଷଣ ଦେବାରେ ଚର୍ଚ୍ଚିତ ଥିବା ଜିଏମ ବକସି କମ୍ପାନୀର ପାରାଦୀପ ଇଣ୍ଟରନ୍ୟାସୀନାଲ କାରଗୋ ଟର୍ମିନାଲରେ ସୁରକ୍ଷା ଅଭାବରୁ ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତକ ହେଲେ ସେଠାରେ ସର୍ଭେ କାର୍ଯ୍ୟରେ ବ୍ୟସ୍ତ ଥିବା ଭୋଳନାଥ ସ୍ୱାଇଁ। ସେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ମରିଚିପୁର ପଞ୍ଚାୟତର ଧନ୍ନୁହର ବେଲାରୀ ଗ୍ରାମର ଅଚ୍ଚନା ସ୍ୱାଇଁଙ୍କ ଏକମାତ୍ର ରୋଜଗାରିଆ ପୁଅ। ସେ ପିଆଇସିଟି ବନ୍ଦରରେ ସର୍ଭେ କାର୍ଯ୍ୟରେ ନିୟୋଜିତ ଥିଲା। ଗୁରୁବାର ମଧ୍ୟାହ୍ନରେ ଗୋଟିଏ ଫୋରକ୍ଲିପ ଅପରେଟର ବେପରୁଆ ଗାଡି ଚାଳନା କରି ଭୋଳନାଥ ସ୍ୱାଇଁ ଉପରେ ଗାଡି ଚଢାଇ ଦେଇଥିଲା ଏବଂ ତା ମୁଣ୍ଡ ଉପରେ ଗାଡି ମାଡି ଯାଇଥିଲା । ଘଟଣା ସ୍ଥଳରେ ହିଁ ତାର ମୃତ୍ୟୁ ହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଘଟଣାକୁ ଚପେଇ ଦେବା ପାଇଁ ମୃତଦେହକୁ ଡାକ୍ତରଖାନା ପଠାଇ ଦେଇଥିଲେ ଏବଂ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତାର ମୃତ୍ୟୁ ପରେ ତାଙ୍କ ପରିବାର ଉପରେ ଦୁଃଖର ଛାୟା ଖେଳିଯାଇଛି।

### ବେଲଗୁଣ୍ଠା ପୋଲିସ୍ ପକ୍ଷରୁ ବ୍ଲକିଂ ଚେକିଂ ଜୋରଦାର୍

## ପୋଲିସ୍ ଜାଲରେ ଦୁଇ ମଦ୍ୟପ ଚାଳକ



ବେଲଗୁଣ୍ଠା(ନିପ୍ର): ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବା ବେଳେ ବଜାର ଘାଟ ସବୁ ଲୋକ ଗହଳି ଏବଂ ଉତ୍ସବ ମୁଖର ହୋଇଛି । ଏହିଭଳି ପରିସ୍ଥିତିରେ ମଦ୍ୟପ ଚାଳକଙ୍କ ଯୋଗୁଁ ଦୁର୍ଘଟଣାର ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ବେଲଗୁଣ୍ଠା ଥାନା ଅନ୍ତର୍ଗତ ବାଲିପଦର ରାସ୍ତାର ଜିରୋଳି, ଜଗନ୍ନାଥପ୍ରସାଦ ରୋଡ୍ ଏବଂ ଭଞ୍ଜନଗର ରାସ୍ତାର ଗୋଶାଳା ଛକଠାରେ ବ୍ଲକିଂ ଚେକିଂ କରାଯାଇଥିଲା । ଚେକିଂ ସମୟରେ ଦୁଇ ଗାଡ଼ି ଚାଳକକୁ ଅଟକାଇ ମେଶିନ୍ ଦ୍ୱାରା ଯାଞ୍ଚ କରି ସେମାନେ ମଦ୍ୟପ ଚାଳକ ବୋଲି ଜାଣିପାରିଥିଲେ। ପୋଲିସ୍ ଉଭୟ ମଦ୍ୟପ ଚାଳକଙ୍କ ଗାଡ଼ିକୁ ଜବତ କରିବା ସହ ଉଭୟଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହି ବ୍ଲକ୍ ସମୟରେ ବେଲଗୁଣ୍ଠା ଏସ୍‌ଆଇ ଅଭୟ ପ୍ରଧାନ, ଏସ୍‌ଆଇ ନାରାୟଣ ନାଇକ, ଅନୁ ମଲ୍ଲିକ,ଏଏସ୍‌ଆଇ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ସମେତ ବହୁ ଗୃହରକ୍ଷୀ ଏବଂ କନେଷ୍ଟବଲ୍ ସହଯୋଗ କରିଥିଲେ। ଆଗାମୀ ଦିନରେ ଦ୍ରୁତ ଗାଡିଚାଳକ, ମଦ୍ୟପ ଚାଳକ, ବିନା ହେଲମେଟ୍‌ରେ ଗାଡ଼ି ଚଳାଉଥିବା, ତିନି ଜଣଙ୍କୁ ମୋଟରସାଇକେଲ୍‌ରେ ବସାଉଥିବା ଲୋକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଥାନା ଅଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ନୟାପଲ୍ଲୀ ଥାନା ପୁଲିସ ଅଭିଯୋଗକାରି ରାହୁଲ ପ୍ରଧାନଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ଇସ୍କନ ବସ୍ତିରେ ରହୁଥିବା ପ୍ରଶାନ୍ତ ଭୋଇ। ତା’ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଓ ଅଭିଯୁକ୍ତ ଉଭୟେ ନୟାପଲ୍ଲୀ ଥାନା ଅନ୍ତଗର୍ତ ଇସ୍କନ ବସ୍ତିରେ ରୁହନ୍ତି। ଘଟଣାଦିନ ଗତ ତା.୦୯.୧୦.୨୦୨୪ ରିଖ ରାତି ପ୍ରାୟ ୯ଟା ସମୟରେ ଦୁଇ ଅଭିଯୁକ୍ତ ପ୍ରଶାନ୍ତ ଭୋଇ ଏବଂ ଲୋଚନ ସ୍ୱାଇଁ ଅଭିଯୋଗକାରୀଙ୍କ ଘର ନିକଟକୁ ଆସି ତାଙ୍କୁ ବାହାରକୁ ଡ଼କାଇଥିଲେ। ରାହୁଲ ବାହାରକୁ ଆସିବା ପରେ ଅଭିଯୁକ୍ତ ଲୋଚନ ସ୍ୱାଇଁ ନିଜର କିଛି କାମ ଥିବାର କହି ତାଙ୍କୁ ବାଇକରେ ନେଇ ଜାଗମରା ଅଂଚଳକୁ ଯାଇଥିଲେ। ସେଠାରେ ପହଂଚିବା ପରେ ଅଭିଯୁକ୍ତ ଲୋଚନ ଅଭିଯୋଗକାରୀଙ୍କୁ କିଛି ସମୟ ପରେ ଫେରି ଆସିବି ବୋଲି କହି ଗୋଟିଏ ସ୍ଥାନରେ ଛାଡି ବାଇକ ନେଇ ଚାଲିଯାଇଥିଲେ। କିଛି ସମୟ ଅପେକ୍ଷା କରିବା ପରେମଧ୍ୟ ଅଭିଯୁକ୍ତ ନଫେରିବାରୁ ସେ ଫୋନ କଲ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ମାନଙ୍କର ଫୋନ ସ୍ୱିଚଅଫ ଥିବାର ଜାଣିବା ପରେ ଅପେକ୍ଷା ନକରି ସେ ନିଜ ଘରକୁ ଫେରି ଆସିଥିଲେ। ରାହୁଲ ଘରକୁ ଫେରିବା ପରେ ସେ ଅଭିଯୁକ୍ତ ପ୍ରଶାନ୍ତ ଭୋଇଙ୍କୁ ଘଟଣା ବିଷୟରେ ପଚାରିଥିଲେ। ଏଥିରେ ପ୍ରଶାନ୍ତ ତାଙ୍କ ସହିତ ଝଗଡା କରି ଖରାପ ଭାଷାରେ ଗଳିଗୁଲଜ କରିଥିଲା ଓ ପରେ ଏକ ଲୁହ ଛାଡ ସାହାର୍ଯ୍ୟରେ ତାଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ମୁଣ୍ଡ ଫାଟିଯାଇଥିବା ବେଳେ ଗୁରୁତର ଅବସ୍ତାରେ ତାଙ୍କୁ ହସ୍ପିଟାଲକୁ ସ୍ଥାନ୍ତର କରାଯାଇଥିଲା। ଏନେଇ ପରେ ସେ ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଇସ୍କନ ବସ୍ତି ଅଂଚଳରୁ ଗିରଫ କରିଥିବା ବେଳେ ଘଟଣାରେ ବ୍ୟବହୃତ ଲୁହା ରଡ଼ ଟିକୁ ଜବତ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ।

ATHGARH MODICARE
CENTRAL GROUP, MODICARE
Congratulation for happy Dasahara-2024
STAY COMFORT
EARN MORE &
FULFILL ALL DREAMS
With Best Compliments from:
Truptimayee Pati
&
Subhakanta Mahapatra
Global Red Diamond Director, Modicare

## ଥାନାରେ ମହିଳାଙ୍କ ଉତ୍ପାତ: ମାମଲା ରୁଜୁ

ଭୁବନେଶ୍ୱର(ନିପ୍ର): ମଦ ନିଶାରେ ଥାନାରେ ଉତ୍ପାତ କରୁଥିବା ମହିଳାଙ୍କ ବିରୋଧରେ କମିଶନରେଟ ପୁଲିତସ ମାମଲା ରୁଜୁ କରିଛି। ଭିଡିଓ ସୋଶାଲ ମିଡ଼ିଆରେ ଭାଇରାଲ୍ ପରେ ଭୁବନେଶ୍ୱର କମିଶନରେଟ୍ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି। ଭାଇରାଲ୍ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ଜଣେ ଗୋଲାପି ଡ୍ରେସ୍ ପିନ୍ଧି ଜଣେ ମହିଳା ଭୁବନେଶ୍ୱର ଖଣ୍ଡଗିରି ଥାନାରେ ବସିଛନ୍ତି। ସେ କୁଆଡେ ନିଶାରେ ଅଛନ୍ତି। ଆଉ ଅଫିସ୍ କାମରେ ବ୍ୟସ୍ତ ଥିବା ପୁଲିସ୍ ଅଫିସରଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଅଜଥାରେ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳିଛି। ପାଣି ବୋତଲ ଓ ପୁଲିସ୍ କମର୍ଚାରୀଙ୍କ ଚେୟାର ଫିଙ୍ଗାଫିଙ୍ଗି କରୁଛନ୍ତି। ଅଭଦ୍ର ଭାଷାରେ ପୁଲିସ୍ କର୍ମଚାରୀଙ୍କୁ ଗାଳି ଗୁଲଜ କରୁଛନ୍ତି। ଯାହାର ଭିଡିଓ ଏବେ ସୋଶାଲ ମିଡ଼ିଆରେ ଭାଇରାଲ୍ ହୋଇଥିଲା। ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଛି। ଥାନାରେ ପୁଲିସ୍‌କୁ ଦୁର୍ବ୍ୟବହାର କରୁଥିବା ମହିଳାଙ୍କ ଭିଡିଓ ଭାଇରାଲ୍ ହେବା ପରେ ପୁଲିସ୍ କମିଶନର ଓ ତାଙ୍କ ଟିମ୍ ତତ୍ପର ହୋଇଥିଲେ। ବୁଧବାର ରାତି ପ୍ରାୟ ସାଢ଼େ ୧୦ଟା ହେବ। ଖଣ୍ଡଗିରି ଥାନାରେ ଅତର୍କିତ ପହଂଚିଥିଲେ ଟୁଇନ୍ ସିଟି ପୁଲିସ ମିଶନର ସୁରେଶ ଦେବଦ ସିଂ। ଭାଇରାଲ ହେଉଥିବା ଭିଡିଓର ସରଜମିନ ଯାଂଚ କରିଥିଲେ। ଏପରିକି ଥାନାରେ ଲାଗିଥିବା ସିସିଟିଭି ଓ ମୋବାଇଲ ଭିଡିଓ ଯାଞ୍ଚ କରିଥିଲେ। ସେ ଦିନ ରାତିରେ ଡ୍ୟୁଟିରେ ଥିବା ଅଫିସରଙ୍କୁ ପଚରାଉଚରା କରିଥିଲେ। ଘଟଣାକୁ ତନ୍ନତନ୍ନ କରି ଯାଂଚ କରିବା ପରେ ତୁରନ୍ତ ମାମଲା ରୁଜୁ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ଆଇନ୍ ଅନୁସାରେ ସଂପୃକ୍ତ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନ୍ ସମସ୍ତଙ୍କ ପାଇଁ ସମାନ। ଯିଏ କାର୍ଯ୍ୟରତ ପୁଲିସ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବ, ଆଇନ୍ ଅନୁସାରେ ତା’ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି କହିଛନ୍ତି।

ଶୁଭେଚ୍ଛା
ଶାରଦୀୟ ନବରାତ୍ରୀ ଓ ଦଶହରା ପୂଜା ଅବସରରେ କାଶୀନଗର ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖା ମ୍ୟାନେଜେର ମନ୍ମଥ ଭୂୟାଁଙ୍କ ତରଫରୁ ସମସ୍ତ ବ୍ୟାଙ୍କର ଗ୍ରାହକ ଓ କାଶୀନଗରବାସୀଙ୍କ ମଙ୍ଗଳ କାମନା କରିବା ସହ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ମନ୍ମଥ ଭୂୟାଁ
ମ୍ୟାନେଜେର, ଏସ୍.ବି.ଆଇ,
କାଶୀନଗର (ଗଜପତି)








## ବାଲୁକା ଚିତ୍ରକଳାରେ ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ,୧୦/୧୦(ନିପ୍ର):** ବାଲୁକା ଚିତ୍ର କଳାରେ କିମ୍ବଦନ୍ତୀ ଉଦ୍ୟୋଗପତି ସ୍ୱର୍ଗତ ରତନ ଟାଟା ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ । ପୁରୀ ବେଳାଭୂମିର ନିଳାଦ୍ରୀ ବିଚ୍ ରେ ବାଲୁକା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏକ ବାଲୁକା ଚିତ୍ର କଳା ନିର୍ମାଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଚନ୍ତି। ବାଲୁକା ଚିତ୍ର କଳା ରେ ରତନ ଟାଟା ପ୍ରତିକୃତିକୁ ସ୍ଥାନ ଦିଆଯାଇଥିବା ବେଳେ ଭାରତ ସେ ରତନ ଥିଲେ ବୋଲି ବାର୍ତା ଦିଆଯାଇଛି। ଶିଳ୍ପ ଜଗତର କିମ୍ବଦନ୍ତୀ ରତନ ଟାଟାଙ୍କ ପରଲୋକ ଘଟିଥିବାବେଳେ ଭାରତୀୟ ଶିଳ୍ପ ଜଗତର ଘଟିଛି ଅପୂରଣୀୟ କ୍ଷତି । ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି ବଦାନ୍ୟ ଶିଳ୍ପପତି ରତନ ଟାଟା। ବୟସାଧିକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଲାଗି ତାଙ୍କର ଦେହାନ୍ତ ହୋଇଥିଲା ।






## କ୍ୱାର୍ଟର ଫାଇନାଲରେ ସିଙ୍ଘଲପୋଷି ମହାବୀର କ୍ଲବ

**କୁଚିଣ୍ଡା,୧୦/୧୦(ନିପ୍ର):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଚତୁର୍ଥ ଦିବସରେ ୩ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ପିଣ୍ଡାପଥର ଓ କୁଚିଣ୍ଡା ଜ୍ୟୋତିପଡା ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ ପିଣ୍ଡାପଥର ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍ ବାବୁନିକ୍ତିମାଲ ଭାଇ ଆଣ୍ଡ ଭାଇ ଏଫସି ସହ ସିଙ୍ଘଲପୋଷି ମହାବୀର କ୍ଲବ ମଧ୍ୟରେ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ସିଙ୍ଘଲପୋଷି ମହାବୀର କ୍ଲବ ବିଜେତା ହୋଇଥିଲା।

## ତାଲା କାଟି ଦୁର୍ବୃତ୍ତ ଲୁଟି ନେଲେ ସୁନା ଗହଣା, ନଗଦ ଟଙ୍କା

**ନିମାପଡ଼ା,୧୦।୧୦(ନିପ୍ର):** ନିମାପଡ଼ା ଥାନା ଅନ୍ତର୍ଗତ ମହିଳା ମହାବିଦ୍ୟାଳୟ ନିକଟସ୍ଥ ଜଗନ୍ନାଥ ବିହାରରେ ଲୁଟେରାମାନେ ଘରର ତାଲା ଭାଙ୍ଗି ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇ ଯାଇଥିଲେ ହେଁ ପୋଲିସ ଅଭିଯୁକ୍ତମାନଙ୍କ ସମ୍ବନ୍ଧରେ ସାମାନ୍ୟତମ ସୁରାକ୍ ପାଇ ନଥିବା ସୂଚନା ମିଳିଛି । ଭଡ଼ା ଘରେ ରହୁଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀ ମନୋରଂଜନ ପରିଡ଼ା ଏବଂ ତାଙ୍କ ଧର୍ମପତ୍ନୀ ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ମଲ୍ଲିକ ଘରେ ନଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଲୁଟେରାମାନେ ଘରର ତାଲା ଭାଙ୍ଗି ଲୁଟତରାଜ କରିଥିବା ଥାନାରେ ଅଭିଯୋଗ ହୋଇଛି । ଅଢ଼େଇ ଭରି ଓଜନର ୧ଟି ସୁନାହାର, ୨ଟି ଶଙ୍ଖା, ନଗଦ ୩୦ ହଜାର ଟଙ୍କା ସମେତ ଆନୁମାନିକ ୫ ଲକ୍ଷ ଟଙ୍କା ସାମଗ୍ରୀ ଲୁଟି ନେଇଥିବା ଏତଲାରେ ଉଲ୍ଲେଖ ଅଛି । ଘରେ ଲାଗିଥିବା ସିସିଟିଭିକୁ ଭାଙ୍ଗି ଦେଇଥିବା ସହିତ ହାର୍ଡଡିସ୍କ କାଢି ନେଇଥିବା ଶ୍ରୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇ ବିହିତ ପଦକ୍ଷେପ ପାଇଁ ପୋଲିସ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି । ନିମାପଡ଼ା ପୋଲିସ ଏ ସଂକ୍ରାନ୍ତରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ବୋଲି ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ଠାରୁ ପ୍ରକାଶ ।



କୁମାରୀମାନଙ୍କ ଭୋଜନ









Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ

CMYK

11.10.2024.pmd 1 10-10-2024, 22:52